ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 3 | 16 - 22 January 2022 | Sambalpur | Page-12 | Invitation Price Rs.10

# ହୀରାକୁଦ ବନ୍ଧର ବାସଚ୍ୟୁତ ଲୋକେ ଏବେବି କ୍ଷତିପୂରଣରୁ ବଞ୍ଚିତ

ସମ୍ବଲପୁର : ହୀରାକୁଦ ନଦୀବନ୍ଧ ଯୋଜନା ନିର୍ମାଣ ସମୟରେ ନିଜର ସର୍ବସ୍ୱ ତ୍ୟାଗ କରିଥିବା ପ୍ରାୟ ୨୫ ହଜାର ୬୦୧ ପରିବାରରୁ ଅନ୍ୟୁନ ୧୩ ହଜାର ପରିବାର ଏ ପର୍ଯ୍ୟନ୍ତ ସେମାନଙ୍କ ନ୍ୟାର୍ଯ୍ୟ କ୍ଷତିପୂରଣରୁ ବଞ୍ଚିତ ହୋଇଛନ୍ତି । ଇତିମଧ୍ୟରେ ୬୪ ବର୍ଷ ବିତି ଯାଇଛି । ତେବେ ଆଜି ବି ବାସଚ୍ୟୁତ ହୋଇଥିବା ବହୁ ପରିବାରର ପରବର୍ତ୍ତୀ ପିଢ଼ି ବିଭିନ୍ନ ସ୍ଥାନରେ ଯାଯାବର ଜୀବନ ବିତାଉଛନ୍ତି । ଏହି ବିଶ୍ୱପ୍ରସିଦ୍ଧ ବନ୍ଧ ପାଇଁ ନିଜର ତଥା ନିଜ ଉତ୍ତରାଧିକାରୀଙ୍କ ଭବିଷ୍ୟତକୁ ଜଳାଞ୍ଜଳି ଦେଇଥିବା ବହୁସଂଖ୍ୟକ ଗ୍ରାମବାସୀଙ୍କ ଲୁହ, କୋହ ଓ ଦୀର୍ଘ ବିଶ୍ୱାସରେ ନିର୍ମିତ ହୋଇଥିଲା ।

ଓଡ଼ିଶାର ବଡ଼ ନଦୀ ମହାନଦୀ ଉପରେ ବିଶ୍ୱର ଦୀର୍ଘତମ ମାଟି ବନ୍ଧ ହୀରାକୁଦ ବନ୍ଧ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ହୀରାକୁଦ ବନ୍ଧ ନିର୍ମାଣ ପାଇଁ ଶୁଭ ଦେଇଥିଲେ । ତାଙ୍କ ହାତରେ ବନ୍ଧର ପ୍ରଥମ ସିମେଣ୍ଟ ଢ଼ଳେଇ ପଡିଥିଲା । ୧୯୫୭ ମସିହା ଜାନୁଆରୀ ୧୩ ତାରିଖରେ ପୁଣି ସେହି ପ୍ରଧାନମନ୍ତ୍ରୀ ନେହରୁଙ୍କ ଦ୍ୱାରା ହୀରାକୁଦ ବନ୍ଧ ଉଦଘାଟିତ ହୋଇଥିଲା । ସ୍ୱାଧୀନୋତ୍ତର ଭାରତର ଆଧୁନିକ ମନ୍ଦିର ହୀରାକୁଦ ବନ୍ଧକୁ ୬୫ ପୂରି ୬୬ ଚାଲିଲା । ହଜାର ହଜାର ପରିବାରଙ୍କ ଲୁହ ଲହୁରେ ନିର୍ମିତ ଏହି ବନ୍ଧ ଆଧୁନିକ ଓଡ଼ିଶା ନିର୍ମାଣରେ ଗତ ୬୫ ବର୍ଷ ହେଲା ମହନୀୟ ଭୂମିକା ଗ୍ରହଣ କରି ଆସିଛି । ହୀରାକୁଦ ନଦୀବନ୍ଧ ଯୋଜନାର ବିସ୍ଥାପନ ପ୍ରକ୍ରିୟାକୁ ପ୍ରାୟ ୬୫ ବର୍ଷ ବିତି ସାରିଛି । ସେମାନଙ୍କୁ ଜମିରୁ ବେଦଖଲ କରିବା ସମୟରେ କ୍ଷତିପୂରଣ


ଫାଇଲ ଫଟୋ

ସହିତ ଥଇଥାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ବୁଡ଼ି ଅଞ୍ଚଳବାସୀଙ୍କ ସଂଗ୍ରାମ ଜାରି ରହିଛି । ସମସ୍ତ ବୁଡି ଅଞ୍ଚଳବାସୀଙ୍କୁ ସେମାନଙ୍କ ଘର ବଦଳରେ ଘର ଜମିପଟ୍ଟା କିମ୍ବା କ୍ଷତି ପୂରଣ ରାଶି ମିଳିନାହିଁ । କେତେକ ସ୍ଥାନରେ ଥରେ ବିସ୍ଥାପିତ ଲୋକେ ପୁଣିଥରେ ସରକାରଙ୍କ ଅନ୍ୟ ନଦୀବନ୍ଧ ପ୍ରକଳ୍ପ ବା ଯୋଜନାରେ ବିସ୍ଥାପିତ ହୋଇଛନ୍ତି । ବାରମ୍ବାର ଅନଶନ, ବିକ୍ଷୋଭ କଳାପରେ ବି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରତିଟି ବିସ୍ଥାପିତ ପରିବାରକୁ ୧୦ ଡେସିମିଲ ଜମି ଏବେ ବହୁକାଂଶରେ ସ୍ୱପ୍ନରେ ହିଁ ରହିଯାଇଛି ।

(ଅବଶିଷ୍ଟାଂଶ ୧୧ମ ପୃଷ୍ଠାରେ)

# 'ସମ୍ବଲ' ପକ୍ଷରୁ ୫୦୦ ତମ ଅଜଣା ଶବ ସତ୍କାର






ସମ୍ବଲପୁର ଜିଲ୍ଲାପାଳ ଓ ଏସ୍.ପି ଶବ ବୋହି ମୁଖାଗ୍ନି ଦେବା ଘଟଣାର ବିଭିନ୍ନ ମହଲରେ ପ୍ରଶଂସା

ସମ୍ବଲପୁର: ଅପରିଚିତ ତଥା ଅସହାୟ ଲୋକଙ୍କ ଶବ ସତ୍କାର କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ' ୫୦୦ତମ ଅଜଣା ଶବ ସତ୍କାର କରି ଆଉ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି । ଏହି ସ୍ୱତନ୍ତ୍ର ମୁହୂର୍ତ୍ତରେ ଉପସ୍ଥିତ ରହି ସମ୍ବଲପୁର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ବି. ଗଙ୍ଗାଧର ଏବଂ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ୍ ସମ୍ବଳର ସ୍ୱେଚ୍ଛାସେବୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଖୋଦ୍ ଜିଲ୍ଲାପାଳ ଏବଂ ଏସ.ପି ମଧ ଅ ଏହି ଅଜଣା ବ୍ୟକ୍ତିଙ୍କ ଶବକୁ ଗାଡ଼ିରୁ ଦାହସ୍ଥଳ ପର୍ଯ୍ୟନ୍ତ ନିଜେ ବୋହି ନେଇ ଉଭୟ ମିଳିତ ଭାବେ ମୁଖାଗ୍ନି ଦେଇଥିଲେ । ଉଭୟ ଅଧିକାରୀଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ସମ୍ବଲପୁର ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ହୋଇଥିଲା ବେଳେ ଏଠାରେ ବୁର୍ଲା ବଡ଼ ଡାକ୍ତରଖାନା, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଆଦି ରହିଛି । ଏଠାରେ ମୃତ୍ୟୁ ହେଉଥିବା ଅନେକ ବ୍ୟକ୍ତିଙ୍କ ପରିଚୟ ବି ଜଣା ପଡ଼ି ନ ଥାଏ । ଅନେକ ସମୟରେ ଶବ ନେବାକୁ କେହି ଦାବିଦାର ନ ଥାନ୍ତି । ତେଣୁ ଏଭଳି ମୃତ ବ୍ୟକ୍ତିଙ୍କ ଶବର ଆବଶ୍ୟକ ହେଲେ ଥାନା, ଡାକ୍ତରଖାନା କର୍ତ୍ତୃପକ୍ଷ ବି 'ସମ୍ବଳ'କୁ ଖବର ଦେଇଥାଆନ୍ତି । ୨୦୧୧ ମସିହାରୁ ଏହି ସେବା କାର୍ଯ୍ୟ କରି ଆସୁଥିବା 'ସମ୍ବଳ' ସ୍ଥାନୀୟ ରାଜଘାଟଠାରେ ୫୦୦ ତମ ଅଜଣା ଶବ ସତ୍କାର କରିଛି । ଏହି ସତ୍କାର ବେଳେ ସମ୍ବଳର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ତ୍ରିପାଠୀ, କାଳିଦାସ ପଣ୍ଡା, ପ୍ରକାଶ ପ୍ରଧାନ, ସଂପାଦକ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ଦିଲ୍ଲୀପ ବୋଷ, କୃଷ୍ଣଚନ୍ଦ୍ର ସାହୁ, ସନ୍ତକ ପଣ୍ଡା, ଅରୁଣ ଅଜାତିଓ୍ୱାଲ, ଦିଲୀପ ସାହୁ, ହିମାଂଶୁ ପାଣିଗ୍ରାହୀ, ଶିବ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ । ୨୦୧୧ ମସିହାରେ ଅଜଣା ଶବ ସତ୍କାର ଲକ୍ଷ୍ୟରେ ସମ୍ବଳ ଅନୁଷ୍ଠାନ ଆରମ୍ଭ କରାଯାଇଥିଲା ।

ସେହି ସମୟରେ ୨ ଜଣ ସାମାଜିକ କାର୍ଯ୍ୟକର୍ତ୍ତା ବୁର୍ଲା ପଟୁ ଫେରିବା ବେଳେ ଏକ କୁକୁର ମଣିଷର ଖଣ୍ଡ ବିଖଣ୍ଡିତ ହାତ ମୁହଁରେ ଧରି ଦୌଡ଼ି ଯାଉଥିବା ଦେଖିଥିଲେ । ସେମାନେ ଫେରି ଏ ସମ୍ପର୍କରେ କମଳିବଜାର ଅଞ୍ଚଳରେ ଆଲୋଚନା କରିବା ପରେ ଅଜଣା ଓ ଅସହାୟ ପରିବାରର ମରଶରୀର ଶେଷକୃତ୍ୟ ସମ୍ପନ୍ନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ୧୧ ବର୍ଷ ମଧ୍ୟରେ ସମ୍ବଳ ଅନୁଷ୍ଠାନର ୫୦୦ ଅଜଣା ଶବ ସତ୍କାର କରି ପାରିଛି । ଏହାଛଡ଼ା ଆହୁରି ୯୮ ଟି ଏଭଳି ବ୍ୟକ୍ତିଙ୍କ ଶବଦାହ କରାଯାଇଛି । ଯେଉଁମାନଙ୍କ ଶବକୁ ସେମାନଙ୍କ ସଂପର୍କୀୟ ମାନେ ଅର୍ଥାଭାବ ଯୋଗୁଁ ନିଜ ଘରକୁ ନେଇ ପାରି ନ ଥିଲେ ।

# ସାରସ୍ୱତ ସାଧକ ମଙ୍ଗଳୁ ବିଶ୍ୱାଳଙ୍କ ପରଲୋକ

ସମ୍ବଲପୁର : ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର, ଆଦର୍ଶ ଶିକ୍ଷକ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ତଥା ପ୍ରଥମ ସମ୍ବଲପୁରୀ ଚଳଚ୍ଚିତ୍ର 'ଭୁଖା'ର ଲେଖକ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ପରମାଣପୁର ନିକଟସ୍ଥ ବାରଡୁଙ୍ଗୁରୀ ବାସଭବନରେ ପ୍ରାୟ ବର୍ଷେ ହେବ ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରୁ ଶଯ୍ୟାଶାୟୀ ଥିଲେ । ସେ ତାଙ୍କ ପଛରେ ପତ୍ନୀ ଶୈଳବାଳା, ତିନି ପୁଅ ପ୍ରଶାନ୍ତ, ଅମିତାଭ ଓ ସିଦ୍ଧାର୍ଥ, ଏକମାତ୍ର ଝିଅ ପ୍ରତିମା ତଥା ବୋହୂ, ଜ୍ୱାଇଁ ଓ ନାତି ନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ । ତାଙ୍କ



ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଗଭୀର ଦୁଃଖପ୍ରକାଶ କରିବା ସହ ଗଳ୍ପ, ସାହିତ୍ୟ, ନାଟକ, ଶିଶୁ ସାହିତ୍ୟ ସହ ସମ୍ବଲପୁରୀ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ।

ବହୁମୁଖୀ ହୀରାକୁଦ ନଦୀବନ୍ଧ ଯୋଜନାରେ ଜଳ ଭଣ୍ଡାରରେ ବିଲୀନ ପିତାପାଲି ଗ୍ରାମରେ ୧୯୩୫ ମସିହା ମେ ମାସ ୪ ତାରିଖରେ ମଙ୍ଗଳୁ ଚରଣ ବିଶ୍ୱାଳ ଜନ୍ମ ଗ୍ରହଣ କରିଥିଲେ । ବିସ୍ଥାପିତ ହୋଇ ରେଙ୍ଗାଲି ବ୍ଲକ ବାରଡୁମୁରି ଗ୍ରାମରେ ବସବାସ କରିଥିଲେ । ଶ୍ରୀପୁରା ମଧ ଇଂରାଜୀ ବିଦ୍ୟାଳୟରେ ଇଂରାଜୀ ଶିକ୍ଷକ ଭାବେ ଜୀବିକା ଆରମ୍ଭ କରି ପରମାଣପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବେ ସ୍ୱର୍ଗତ ବିଶ୍ୱାଳଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ଜଣେ ଶିକ୍ଷକ ହୋଇଥିଲେ ମଧ ସାହିତ୍ୟ ସାଧନା ପ୍ରତି ତାଙ୍କ ବିଶେଷ ରୁଚି ରହିଥିଲା । ସେ ଜଣେ ଉଚ୍ଚକୋଟୀର କବି, ଲେଖକ, ଗାଳ୍ପିକ ହେବା ସହ ସମ୍ବଲପୁରୀ ଭାଷା ଓ ସାହିତ୍ୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପାରିଥିଲେ । ତାଙ୍କ ସମ୍ବଲପୁରୀ ନାଟକ 'ଭୁଖା' ପରବର୍ତ୍ତୀ କାଳରେ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇ ବେଶ୍ ଆଦୃତି ଲାଭ କରିଥିଲା । ତାଙ୍କର ୧୨ଟି କବିତା ସଂକଳନ, ୮ ଗଳ୍ପ ସଂକଳନ, ୩ ଉପନ୍ୟାସ, ୫ ଶିଶୁ ସାହିତ୍ୟ, ୬ ପ୍ରବନ୍ଧ ସଂକଳନ, ୪ ଆକାଶବାଣୀ ନାଟକ, ୧୩ ସମ୍ବଲପୁରୀ ନାଟକ, ୨ ଇଂରାଜୀ ଅନୁବାଦ, ଗୋଟିଏ ଆତ୍ମଜୀବନୀ ପୁସ୍ତକ 'ହଜିଲା ଦିନ' ଓ ଗାଟିଏ ଜୀବନୀ ପୁସ୍ତକ 'ବିରଳ ବିଷ୍ଣୁଶର୍ମା' ସହ ଏକ ସାକ୍ଷାତକାର ପୁସ୍ତକ ରହିଛି । ୨୦୧୦ ମସିହା ଜୁଲାଇ ୧୪ ତାରିଖରେ ତାଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ ସମ୍ମାନ ସ୍ୱରୂପ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ବିଶ୍ୱାଳଙ୍କ ସାରସ୍ୱତ ସାଧନା ଉପରେ ବିଶ୍ୱବିଦ୍ୟାଳୟ ପିଏଚ୍‌ଡି ଗବେଷଣା ମଧ କରାଯାଇଛି । ମଙ୍ଗଳୁଚରଣ ବିଶ୍ୱାଳଙ୍କୁ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସାମଗ୍ରୀକ ସାହିତ୍ୟ ସାଧନା ପାଇଁ ସେ ୧୯୯୯ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୩ରେ ଭାରତ ସରକାରଙ୍କ ଶିକ୍ଷା ଏବଂ ସମାଜ କଲ୍ୟାଣ ବିଭାଗ ଦ୍ୱାରା ଲେଖକ ସମ୍ମାନ, ୧୯୭୭ରେ ଏନ୍‌ସିଇଆରଟି ନୂଆଦିଲ୍ଲୀ ପକ୍ଷରୁ ସଂସ୍କୃତି ସମ୍ମାନ ଏବଂ ଓଡ଼ିଶା ମାଧମିକ ଶିକ୍ଷା ବୋର୍ଡ ପକ୍ଷରୁ ସାହିତ୍ୟ ସମ୍ମାନ ଆଦି ସହ 'ସେତୁ ସମ୍ମାନ', 'ଉଦୟନ ନାଟ୍ୟ ସମ୍ମାନ', 'ସୃଷ୍ଟି ସମ୍ମାନ', ହଳଧର ସାଂସ୍କୃତିକ ସଂସଦ ପକ୍ଷରୁ 'ନାଟ୍ୟ ହୀରା' ଭଳି ଶତାଧିକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ ।

## ଏ ସଂଖ୍ୟାରେ..


ରକ୍ତଚାପ ନିୟନ୍ତ୍ରଣ କରେ ମୂଳା


ମଧୁମେହର ମହୌଷଧି ତେଜପତ୍ର


ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍


ଲବଙ୍ଗର ଘରୋଇ ଉପଚାର


ମହୁଲର ଉପକାରିତା

# ସମ୍ବଲପୁର ମହାନଗର ନିର୍ବାଚନ କେବେ ?

ସମ୍ବଲପୁର : ନିକଟରେ ସରକାର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ମେୟର ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ଘୋଷଣା କରିଛନ୍ତି । କିନ୍ତୁ ସମ୍ବଲପୁର ଓ ରାଉରକେଲା ମହାନଗର ସଂପର୍କରେ କୌଣସି ଘୋଷଣା କରାଯାଇ ନାହିଁ ।

ସମ୍ବଲପୁର ମହାନଗର ନିଗମ ଘୋଷଣା ହେବା ଦିନଠାରୁ ଏହାର ନିର୍ବାଚନ ହୋଇ ନାହିଁ । ୨୦୧୩ ସେପଟେମ୍ବରରେ ସରକାର ଏହି ଦୁଇ ନୂଆଁ ମହାନଗର ସଂପର୍କରେ ଘୋଷଣା କରିଥିଲେ । ୨୦୧୪ ସାଧାରଣ ନିର୍ବାଚନ ଶେଷ ହେବାପରେ ସେହି ବର୍ଷ ନଭେମ୍ବର ମାସରେ ସମ୍ବଲପୁର ରାଜ୍ୟର ପଞ୍ଚମ ମହାନଗରର ମାନ୍ୟତା ପାଇଥିଲା । ତା'ର କିଛିଦିନ ପୂର୍ବରୁ ସରକାର ରାଉରକେଲାକୁ ମହାନଗର ଘୋଷଣା କରିଥିଲେ । କିନ୍ତୁ ମହାନଗର ହେବା ଦିନଠାରୁ ରାଜ୍ୟର ଏହି ଦୁଇ ବୃହତ୍ ସହରାଞ୍ଚଳବାସୀ ଗଣତାନ୍ତ୍ରିକ



ପରିଚାଳନା ବ୍ୟବସ୍ଥାରୁ ବଞ୍ଚିତ ହୋଇ ଆସୁଛନ୍ତି । ୭ ବର୍ଷରୁ ଅଧିକ ସମୟ ହେଲା ଉଭୟ ମହାନଗର ବିନା ନିର୍ବାଚିତ ପରିଷଦରେ ସରକାରୀବାବୁ ମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ହାଇକୋର୍ଟରେ ମାମଲା ଥିବା ଆଳ କରି ସରକାର ଏଠାରେ ନିର୍ବାଚନ କରିବାକୁ ଉଦ୍ୟମ କରୁ ନାହାନ୍ତି । ତେବେ ରାଜ୍ୟର ସରକାରୀ ଦଳ ନିର୍ବାଚନ ଚାହୁଁ ନ ଥିବାରୁ ଜାଣିଶୁଣି ଏଠାରେ ନିର୍ବାଚନ ପାଇଁ ଉଦ୍ୟମ କରାଯାଉ ନାହିଁ ବୋଲି ବିରୋଧୀମାନେ ମତ ଦିଅନ୍ତି । ଯେହେତୁ ବିନା ନିର୍ବାଚନରେ ଏହା ସରକାର ଓ ସରକାରୀ ଦଳର ଇଚ୍ଛା ଅନୁଯାୟୀ ପରିଚାଳିତ ହେଉଛି, ତେଣୁ ଅଯଥାରେ ନିର୍ବାଚନ କରି ସେମାନେ କାହିଁକି ଜୟ, ପରାଜୟର ଗଣିତ ଭିତରକୁ ଯିବେ ବୋଲି ଆଲୋଚନା ହେଉଛି । ନିର୍ବାଚନ ଦାବିରେ ସେମିତି ଆଖି ଦୃଶିଆ ବିରୋଧ ବା ଆନ୍ଦୋଳନ ନହେବା ତଥା ବିରୋଧୀ ଦଳ ଗୁଡ଼ିକର ନିରବତା ବି ସରକାରଙ୍କୁ ସୁହାଉଛି ।

୨୦୧୫ ରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ପାଇଁ ଓ୍ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା । ବୁର୍ଲା ଅଞ୍ଚଳର ୫ଟି ଯାକ ଓ୍ୱାର୍ଡକୁ ସଂରକ୍ଷିତ ବର୍ଗ ପାଇଁ ରଖାଯିବାକୁ ବିରୋଧ କରି ଅଜୟ ମହାନ୍ତି ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ । ହାଇକୋର୍ଟ ଏହା ଉପରେ ସରକାରଙ୍କୁ ନୋଟିସ୍ କରି ଜବାବ ମାଗିଥିଲେ । କିନ୍ତୁ ୭ ବର୍ଷ ବିତି ଯାଇଥିଲେ ବି ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଗଲା ନାହିଁ । ନା ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ତାଲିକାକୁ ସରକାର ସଂଶୋଧନ କଲେ ନା ତାହା ଠିକ୍ ଅଛି ବୋଲି ହାଇକୋର୍ଟଙ୍କୁ ଜଣାଇଲେ । ଫଳରେ ମାମଲା ଝୁଲି ରହିଲା । ସରକାର ଚାହିଁଲେ ଗୋଟିଏ ସତ୍ୟପାଠରେ ଗୋଟିଏ ଦିନରେ ଏହି ମାମଲାର ସମାଧାନ ହୋଇ ପାରନ୍ତା ବୋଲି ଆଇନ୍ ବିଶାରଦମାନେ ମତ ଦେଉଛନ୍ତି ।

# ବିଜେଡ଼ି ସଂଗଠନରେ ଦଳତ୍ୟାଗୀଙ୍କୁ ବଡ଼ ପଦବୀ

ଭୁବନେଶ୍ୱର : ଦଳ ତ୍ୟାଗକରି ନିକଟରେ ବିଜେଡିରେ ଯୋଗ ଦେଇଥିବା ନେତାମାନଙ୍କୁ ତା'ର ରାଜ୍ୟ ସଂଗଠନରେ ଦଳ ବଡ଼ ପଦବୀ ଦେଇଛି । କଂଗ୍ରେସରୁ ଡେଇଁଥିବା ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ତଳସରାର ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀଙ୍କୁ ବିଜେଡ଼ିର ବରିଷ୍ଠ ସାଧାରଣ ସଂପାଦକ ପଦବୀ ମିଳିଛି ।

ବିଜେପି ଛାଡ଼ିଥିବା କେନ୍ଦୁଝର ଜିଲ୍ଲାର ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ସାଧାରଣ ସଂପାଦକ ପଦବୀ ଦିଆଯାଇଥିବା ବେଳେ କଂଗ୍ରେସ ଛାଡି ଆସିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଓ କୈଳାସ ଚନ୍ଦ୍ର କୁଲେସିକାଙ୍କୁ ମଧ୍ୟ ବିଜେଡ଼ିର ରାଜ୍ୟ ସାଧାରଣ ସଂପାଦକ ପଦବୀ ମିଳିଛି । ସେହିପରି ଯାଜପୁର ଜିଲ୍ଲାର ବରୀର ବିଶ୍ୱରଂଜନ ମଲ୍ଲିକ ବିଜେପି ଛାଡି ବିଜେଡିରେ ଯୋଗ ଦେଇଥିବାରୁ ତାଙ୍କୁ ବିଜେଡିର ରାଜ୍ୟ ସଂପାଦକ କରାଯାଇଛି । ଯାଜପୁରର ରମେଶ ଚନ୍ଦ୍ର ପରିଡା, ମୟୂରଭଞ୍ଜର ମହେଶ ହେମ୍ବ୍ରମ, ପୁରୀର ପ୍ରିୟବ୍ରତ ସାମନ୍ତରାୟ, ମୟୁରଭଞ୍ଜର ଦିଲ୍ଲୀପ ସାହୁ ଓ ଖୋର୍ଦ୍ଧାର ପ୍ରଦୀପ ସାହୁ ମଧ୍ୟ ବିଜେଡିର ରାଜ୍ୟ ସଂପାଦକ ହୋଇଛନ୍ତି । ଅନ୍ୟ ଦଳର ନେତାଙ୍କୁ ସ୍ୱୀକୃତି ଦେବା କ୍ଷେତ୍ରରେ ବିଜେଡ଼ି ସବୁଠାରୁ ଆଗରେ ରହିଛି । ନିକଟରେ ବିଜେପି ଓ କଂଗ୍ରେସକୁ ଡେଇଁଥିବା ନେତାମାନଙ୍କ ଭାଗ୍ୟରେ କିନ୍ତୁ ଏଭଳି ସୁଯୋଗ ଏଯାଏ ଜୁଟିନାହିଁ । ମିଶ୍ରଣ ପର୍ବ ବ୍ୟତିରେକ ଦଳ ସେମାନଙ୍କୁ ଆଉ କୌଣସି କ୍ଷେତ୍ରରେ ସାମ୍ନାକୁ ଆଣି ପାରି ନାହିଁ ।

ଏଠାରେ ଉଲ୍ଲେଖ ଥାଉକି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ଗତ କିଛି ମାସ ଧରି ଦଳଡିଆଁ ଜୋର ଧରିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରବଚ୍ଛିନ୍ନ ଭାବେ ୨୨ ବର୍ଷ ଧରି ଶାସନ କରିବା ପରେ ବି ଦଳବଦଳ କ୍ଷେତ୍ରରେ ବିଜେଡିର ଚାହିଦା ସବୁଠାରୁ ଅଧିକ ଥିଲା । ଅର୍ଥାତ୍ ବିଜେପି ଓ କଂଗ୍ରେସକୁ ଯେତିକି ନେତା ଯିବା ଲାଗି ଆଗ୍ରହ ଦେଖାଇ ନାହାନ୍ତି, ତା'ଠାରୁ ଢ଼େର ଅଧିକ ପ୍ରତିଶତ ବିଜେଡିରେ ଯୋଗ ଦେଇଛନ୍ତି ।

# ଡାକ୍ତର ସୁଚେତାରାଣୀ ମହାପାତ୍ରଙ୍କ ପରଲୋକ

ସମ୍ବଲପୁର : ବିଶ୍ୱାତ୍ମା ଚେତନା ପରିଷଦ, ସମ୍ବଲପୁର ଶାଖା ସମ୍ପାଦକ ତଥା ଅବସରପ୍ରାପ୍ତ ଡାକ୍ତର ସୁଚେତାରାଣୀ ମହାପାତ୍ର (୬୭)ଙ୍କ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ବଲାଙ୍ଗୀରର ବିଶ୍ୱାତ୍ମା



ଚେତନା ଟ୍ରଷ୍ଟର ଟ୍ରଷ୍ଟି ଏବଂ ପ୍ରଜ୍ଞାଶକ୍ତି ମଣ୍ଡଳର ଅଧ୍ୟକ୍ଷା ଥିଲେ । ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀଙ୍କର ଜଣେ ପଟ୍ଟଶିଷ୍ୟା ରୂପେ ପରିଚିତ ଡାକ୍ତର ମହାପାତ୍ର 'ପ୍ରଜ୍ଞାମୂର୍ତ୍ତି' ରୂପେ ପରିଚିତ ଥିଲେ । ସେ ଅବିବାହିତା ଥିଲେ । ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ୯୨ ବର୍ଷୀୟ ବାପା ଇଂ ଅମ୍ବରୀଶ ମହାପାତ୍ର, ଭଉଣୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣପ୍ରଭା ନନ୍ଦ, ଅଧ୍ୟାପିକା ଗୀତାରାଣୀ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବ ରୀତାରାଣୀ ମହାପାତ୍ର, ଜ୍ୱାଇଁ ଡାକ୍ତର ଧ୍ରୁବଚରଣ ନନ୍ଦ, କବି ରାମକୃଷ୍ଣ ସାହୁ ଓ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଭାଇ ବିରଞ୍ଚି, ସୂର୍ଯ୍ୟ ଓ ଜଗତ ପ୍ରମୁଖ ଉପସ୍ଥିତ ଥିଲେ । ବୁଢ଼ାରାଜାସ୍ଥିତ ବାସଭବନକୁ ତାଙ୍କର ମରଶରୀର ଅଣାଯିବା ପରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବଲାଙ୍ଗିରରୁ ଆସିଥିବା ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ, ସତ୍ୟ ପ୍ରେମାନନ୍ଦ ସରସ୍ୱତୀ, ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ, ଶ୍ରଦ୍ଧାମୂର୍ତ୍ତି, ବିଶ୍ୱାତ୍ମ ଚେତନା ପରିଷଦ ରାୟଗଡ଼ ଶାଖାର ସଚିବ ସୁନୀଲ କୁମାର ବଂଶଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ବିଶ୍ୱାତ୍ମା ଚେତନା ପରିଷଦ ସମ୍ବଲପୁର ଶାଖାର ପୂର୍ବତନ ସଭାପତି ଡାକ୍ତର ଯତୀନ୍ଦ୍ର ମୋହନ ପୂଜାରୀ ଓ ପୂର୍ବତନ ସମ୍ପାଦକ ପରମେଶ୍ୱର ଦାଶ, ବିମଳ ପଣ୍ଡିଆ, ସରୋଜ କୁମାର ମହାପାତ୍ର, ବରିଷ୍ଠ ଓକିଲ ଦିଲୀପ ବିଶି ଓ ନବୀନ ଶତପଥୀ, ଡାକ୍ତର ଗୀତା ରାୟ ପ୍ରମୁଖଙ୍କ ଉପସ୍ଥିତିରେ କମଳିବଜାର ରାଜଘାଟରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ତାଙ୍କ ବିୟୋଗରେ ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ସମନ୍ୱୟ କୁଟୀର, କଳାହାଣ୍ଡି ଜୟପାଟଣା ଶାଖା ଓ ଛତିଶଗଡ଼ର ଗଡ଼ଡମରିଆ ଠାରେ ଶୋକସଭାମାନ ଅନୁଷ୍ଠିତ ହୋଇଥିଲା ।

# ଭାରତ ବିକାଶ ପରିଷଦ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ପାଳନ

ସମ୍ବଲପୁର: ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ଆନୁକୂଲ୍ୟରେ ବିବେକାନନ୍ଦ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ବେଣୁ ମାଧବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରଫେସର ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିପ୍ଳବୀ ସନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଶୈଳୀ, ତାଙ୍କର ଦର୍ଶନ ଆଦି ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଙ୍କ ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ଡ଼ ରଶ୍ମି ରେଖା ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମକରଧ୍ୱଜ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଆରମ୍ଭରେ ପରିଷଦର ପ୍ରାକ୍ତନ ଉପାଧ୍ୟକ୍ଷ ତଥା ବରିଷ୍ଠ ସଭ୍ୟ ପ୍ରାଧାପକ ତୀର୍ଥବାସୀ ସୁଣାରୀଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରା ଯାଇଥିଲା । ଗିରିଜା ଦେବୀ ବନ୍ଦେ ମାତରଂ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ ।

# ତୀର୍ଥବାସୀ ସୁଣାରୀଙ୍କ ପରଲୋକ

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳସଚିବ ତଥା ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଉପାଧ୍ୟକ୍ଷ ତୀର୍ଥବାସୀ ସୁଣାରୀଙ୍କ ତାଙ୍କ ଧୁତୁରାପଡ଼ା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପଛରେ ଧର୍ମପତ୍ନୀ ଅମୂଲ୍ୟ ଏବଂ ତିନି ପୁତ୍ରଙ୍କୁ ଛାଡି ଚାଲି ଯାଇଛନ୍ତି । ସ୍ଥାନୀୟ ରାଜଘାଟ ଠାରେ ତାଙ୍କର ଶବ ସତ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ଦେବେନ୍ଦ୍ର ମୁଖାଗ୍ନି ଦେଇଥିଲେ ।



ସ୍ୱର୍ଗତ ସୁଣାରୀ ଭଦ୍ରକ ମହାବିଦ୍ୟାଳୟରୁ ଅଧ୍ୟାପନା ଜୀବନ ଆରମ୍ଭ କରି ରେଭେନ୍ସା ମହାବିଦ୍ୟାଳରେ ମଧ୍ୟ ଅଧ୍ୟାପନା କରିଥିଲେ ଓ ଶେଷରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଉପାଧ୍ୟକ୍ଷ ପଦବୀରୁ ଗତ ୧୯୯୨ରେ ଅବସର ନେଇଥିଲେ । ସୁଣାରୀ ବାଣିଜ୍ୟ ବିଭାଗର ପ୍ରାଧାପକ ଭାବରେ ଛାତ୍ରମହଲରେ ଅତି ପ୍ରିୟ ଥିଲେ । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବରେ ବି କର୍ମଚାରୀମାନଙ୍କ ପ୍ରିୟପାତ୍ର ହୋଇଥିଲେ । ଅଧାପନାରୁ ଅବସର ନେଲାପରେ ଭାରତୀୟ ଶିକ୍ଷଣ ମଣ୍ଡଳ, ଭାରତ ବିକାଶ ପରିଷଦ ଆଦି ଅନେକ ସମାଜସେବୀ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଥିଲେ । ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ସୁଚାରୁ ରୂପେ ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ ଭାରତ ବିକାଶ ପରିଷଦ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# କୀର୍ତ୍ତନ କଳାକାରଙ୍କ ପରଲୋକ

ବରଗଡ଼ : ଭେଡେନ ବ୍ଲକ ତାଳମେଣ୍ଡା ପଞ୍ଚାୟତ ସାନପିପିଲିପାଲି ଗ୍ରାମର ବର୍ଷିୟାନ କଳାକାର ତଥା ସଂକୀର୍ତ୍ତନ ବାଦକ ଭୀମସେନ ପଟ୍ଟନାୟକଙ୍କର ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ବିଭିନ୍ନ ସାମାଜିକ କାମରେ ଯୋଗ ଦେବା ସହିତ ମୃଦଙ୍ଗ ବାଦକ ଓ କୀର୍ତ୍ତନ ଗୁରୁ ଭାବେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ଚୈତନ୍ୟ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ । ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କଳାକାର ଭୀମସେନଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି । ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ପକ୍ଷରୁ ମଧ୍ୟ ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ଭାଗବତ

## ରୁକ୍ମିଣୀ ହରଣ

ମୂର୍ଚ୍ଛିତ ହୋଇ ତଳେ ପଡିଥିବା ରାଜାମାନେ ଚେତନା ପାଇ ତଳୁ ଉଠି ବସ୍ତ୍ର ଭୂଷଣ ଆଦି ଝଡ଼ାଝଡ଼ି କରି ପ୍ରକୃତିସ୍ଥ ହେଲେ । ସେମାନଙ୍କ ଭିତରୁ କେହି କହୁଥିଲା, ହଠାତ୍ ମୁଣ୍ଡ ବୁଲାଇ ହୋଇଯିବାରୁ ମୁଁ ପଡ଼ିଗଲି ।' ଆଉ କେହି କହିଲା 'ହଠାତ୍ ଏକ ମହାନ୍ ତେଜ ଦେଖିବା ମାତ୍ରେ ମୋ ଶରୀର ଅବଶ ହୋଇଗଲା ।' କିନ୍ତୁ ରୁକ୍ମିଣୀ କାହାନ୍ତି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରିନେଇଥିବା ଜାଣିବା ମାତ୍ରେ ସେମାନେ ଆଶ୍ଚର୍ଯ୍ୟାଭିଭୂତ ହୋଇଗଲେ । କ୍ଷଣକ ଭିତରେ ଏହା ସମ୍ଭବ କିପରି ହେଲା ? ଏଥର ସମସ୍ତେ ଶ୍ରୀକୃଷ୍ଣଙ୍କ ସହିତ ଯୁଦ୍ଧ କରିବାକୁ ବାହାରି ପଡ଼ିଲେ ।

ରୁକ୍ମିଣୀଙ୍କୁ ଶ୍ରୀକୃଷ୍ଣ ମାର୍ଗରୁ ହରଣ କରି ନେଇଥିବା ଶୁଣିବାମାତ୍ରେ ଶିଶୁପାଳ ମ୍ରିୟମାଣ ହୋଇଗଲା । ସେ ତ ବସ୍ତୁତଃ କାନ୍ଦ କାନ୍ଦ ହୋଇଗଲା । ଶିଶୁପାଳର କାନ୍ଦ ଦେଖି ଜରାସନ୍ଧ ଆଦି ବୀର ରାଜାମାନେ କହିଲେ 'ଏହା କ୍ରନ୍ଦନ କରିବାର ବେଳ ନୁହେଁ । ଆମ ସମସ୍ତଙ୍କର ନାକ କଟିଯାଇଛି । ଚାଲ, ସମସ୍ତେ ମିଶି ସେଇ ଚୋର ଗଉଡ଼ ଟୋକାକୁ ଧରିବା । ତା' ସହିତ ଯୁଦ୍ଧ କରି ରୁକ୍ମିଣୀଙ୍କୁ ଛଡ଼ାଇ ଆଣିବା । ସେତେବେଳେ ଶିଶୁପାଳ, ଜରାସନ୍ଧ, ଦନ୍ତବକ୍ତ୍ର ଆଦି ରାଜାମାନେ ନିଜ ନିଜର ବିଶାଳ ସେନାଙ୍କ ସହିତ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବା ପାଇଁ ଦୌଡ଼ିବାରେ ଲାଗିଲେ । ଏବେ ଦ୍ୱାରିକା କଥା ଶୁଣନ୍ତୁ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦ୍ୱାରିକାରେ କେହି ଶ୍ରୀକୃଷ୍ଣଙ୍କୁ ନ ଦେଖି ଚିନ୍ତାକୁଳ ହୋଇଗଲେ । ଜ୍ୟେଷ୍ଠ ଭାଇ ବଳରାମ ଅଧିକ ଚିନ୍ତିତ ହୋଇଗଲେ । କୁଆଡେ ଗଲା ? କିନ୍ତୁ ସମସ୍ତ କଥା ଜାଣିଗଲା ପରେ ସେ ମନେ ମନେ ଭାବିଲେ 'ସତରେ କୃଷ୍ଣ ବଡ଼ ଲାଜକୁଳାଟା । ମୋତେ ଥରେ କହିକି ଯାଇ ନ ଥାନ୍ତା । ସେ ଆଉ କାଳବିଳମ୍ବ ନ କରି ଯାଦବ ସେନାଙ୍କୁ ଧରି ବିଦର୍ଭ ନଗରୀ ଉଦ୍ଦେଶ୍ୟରେ କ୍ଷିପ୍ର ବେଗରେ ବାହାରି ପଡ଼ିଲେ । ଅଳ୍ପ ସମୟ ଭିତରେ ସେ ଶ୍ରୀକୃଷ୍ଣଙ୍କୁ ଗୋଡ଼ାଉଥିବା ଜରାସନ୍ଧ, ଶିଶୁପାଳ ଆଦି ସେନାଙ୍କୁ ଭେଟିଲେ । ସମଗ୍ର ଆକ୍ରମଣକାରୀଙ୍କୁ ପ୍ରତିଆକ୍ରମଣ କରି ଛିନ୍ନଛତ୍ର କରିଦେଲେ । ଶିଶୁପାଳକୁ ସାହାଯ୍ୟ କରିବା ପାଇଁ ଆସୁଥିବା ଅନ୍ୟ ରାଜାମାନେ ବଳରାମଙ୍କ ଆକ୍ରମଣର ତେଜ ଦେଖି ଛାନିଆରେ ପ୍ରାଣରକ୍ଷା କରି ଇତସ୍ତତଃ ପଳାୟନ କରିବାରେ ଲାଗିଲେ । ଶିଶୁପାଳ ବିଚରା ନାକ କାନ ଆଉଁଶି କାନ୍ଦି କାନ୍ଦି ରହିଲା ।

ଶିଶୁପାଳର ବହପ ଦେଖନ୍ତୁ । ସେ ଖାଲି କାନ୍ଦିବାରେ ଲାଗିଥିଲା ସିନା,



ହେଲେ ଶ୍ରୀକୃଷ୍ଣଙ୍କ ସହିତ ଯୁଦ୍ଧ କଲା ନାହିଁ । କାମୀ ସବୁବେଳେ ଭୀରୁ ହୋଇଥାଏ । ତାକୁ ପ୍ରବୋଧନା ଦେବାକୁ ଯାଇ ଜରାସନ୍ଧ କହିଲା, ଶ୍ରୀକୃଷ୍ଣ ଯଦି ଏକାକୀ ଥାଆନ୍ତା ତେବେ ତାକୁ ମୁଁ ବାନ୍ଧିପକାଇ ଥାଆନ୍ତି । କିନ୍ତୁ ବଳରାମକୁ ଦେଖିବା ମାତ୍ରେ ମୋର ଆଉ ସାହସ ପାଇଲା ନାହିଁ । କ'ଣ କରିବା, ଏବେ ସମୟ ଆମ ପାଇଁ ପ୍ରତିକୂଳ । ଜୀବନ ଥିଲେ ହଜାରେ କନ୍ୟା ମିଳିବ । ଚାଲ ଫେରି ପଳାଇବା । ସାମାନ୍ୟ କନ୍ୟାଟିଏ ପାଇଁ ପ୍ରାଣକୁ ପଣ କରିଦେବା ବୁଦ୍ଧିମାନ ଲୋକର ମାନ ନୁହେଁ ।

ରୁକ୍ମିଣୀଙ୍କ ବଡ଼ ଭାଇ ରୁକ୍ମିଣୀଙ୍କୁ ବହୁତ ଖରାପ ଲାଗିଲା । ରୁକ୍ମୀ ଥିଲା ଖୁବ୍ ବଳବାନ୍ । ତା'ର ବଳାଭିମାନ ବହପରେ ସେ ଅନ୍ୟ ରାଜାମାନଙ୍କୁ କହିଲା, ଅହତ୍ୱା ସମରେ କୃଷ୍ଣମପ୍ରତ୍ୟୁହ୍ୟ ଚ ରୁକ୍ମିଣୀମ୍ । ମୁଁ ଆପଣମାନଙ୍କ ସମକ୍ଷରେ ଶପଥ କରୁଛି, କୃଷ୍ଣଙ୍କୁ ମାରିଦେବି । ରୁକ୍ମିଣୀଙ୍କୁ ଫେରାଇ ଆଣିବି । ଯଦି ନ ପାରିବି ତେବେ କୁଣ୍ଡିନଗରୀକୁ ଫେରିବି ନାହିଁ । ଅଭିମାନୀ ତଥା ବଳାଭିମାନୀକୁ ଭଗବାନ ବାନ୍ଧି ପକାନ୍ତି । ବନ୍ଧୁବାନ୍ଧବ ତଥା ମଧୁର ସମ୍ପର୍କୀୟ କେହି ଜଣେ ଏପରି ଆଚରଣ କରୁଥିଲେ ତାକୁ କି ପ୍ରକାର ଦଣ୍ଡ ଦିଆଯାଇ ପାରେ । ରୁକ୍ମୀ କୃଷ୍ଣଙ୍କ ସହିତ ଯୁଦ୍ଧ କଲା । ତା ସହିତ ଏକ ଅକ୍ଷୌହିଣୀ ସେନାଥିଲେ । ଭଗବାନ ଏକା ଏକା ସେ ସମସ୍ତଙ୍କୁ ନିପାତ କଲେ । ଅବିନାଶୀ ଅଚ୍ୟୁତ ରୁକ୍ମୀର ରଥ ଧନୁ ଗଦା ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ରକୁ ଭାଙ୍ଗି ପକାଇଲେ, କାଟି ପକାଇଲେ । ବିଚରା କ୍ରୋଧ ତ ରୁକ୍ମୀଙ୍କୁ ଗ୍ରାସ କରି ପକାଇଥିଲା । ସେ କୌଣସି ପ୍ରକାରେ ଭଗବାନଙ୍କୁ ମାରିବାକୁ ଚେଷ୍ଟା ଚଳାଇଥିଲା । କିନ୍ତୁ ଶେଷରେ ଭଗବାନ ତାକୁ ମାରିଦେବା ପାଇଁ ପ୍ରସ୍ତୁତ ହୋଇଥିବା ଦେଖି ରୁକ୍ମିଣୀ ଭୟରେ ବିହ୍ୱଳ ହୋଇଗଲେ । ସେ କୃଷ୍ଣଙ୍କ ପାଦତଳେ ପଡ଼ି ପ୍ରାର୍ଥନା କଲେ 'ହନ୍ତୁଂ ନାର୍ହସି କଲ୍ୟାଣ ଭ୍ରାତରଂ ମେ ମହାଭୁଜ' ସ୍ୱାମୀନ୍ ମୋ ଭାଇ ଆପଣଙ୍କ ବଧଯୋଗ୍ୟ ନୁହେଁ ।

ଭଗବାନ ରୁକ୍ମୀଙ୍କୁ ମାରିଲେ ନାହିଁ । କ୍ରୋଧାନ୍ଧ ରୁକ୍ମୀ ତେବେ ବି କୃଷ୍ଣଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲା । କୃଷ୍ଣ ତାକୁ ମାରି ବେହୋସ କରି ତଳେ ପକାଇଦେଇ ଥାଆନ୍ତେ । ଏହି ସମୟରେ ବଳରାମ ସେଠାରେ ପହଞ୍ଚି କହିଲେ, ସେ ପରା ଆମର ଶାଳକ ! ତାକୁ ଛାଡିଦେ ! ସେତେବେଳକୁ କୃଷ୍ଣ ତାକୁ ତା ଉତ୍ତରୀୟରେ ବାନ୍ଧି ପକାଇଥିଲେ । ଭାଇଙ୍କ କଥା ଶୁଣି ସେ ତାକୁ ଲଣ୍ଡାବେଣ୍ଟିଆ କରି ଛାଡ଼ିଦେଲେ । ବଳରାମ ରୁକ୍ମିଣୀଙ୍କୁ କହିଲେ, ଆମର କିଛି ଦୋଷ ନାହିଁ । ତୋ ଭାଇ ଲଣ୍ଡାବେଣ୍ଟିଆ ହେଲା । ତୁ ମନ ଦୁଃଖ କରିବୁ ନାହିଁ । ତାକୁ ଆମେ କେହି ଦଣ୍ଡ ଦେଲୁ ବୋଲି ତୁ ଭାବନା କର ନାହିଁ । କାରଣ ପ୍ରାଣୀମାନଙ୍କୁ ଦୁଃଖ ଓ ସୁଖ ଅନ୍ୟ କେହି ଦେଇ ନ ଥାଆନ୍ତି । ତାକୁ ତା କର୍ମର ଫଳ ହିଁ ଭୋଗ କରିବାକୁ ପଡ଼ିଥାଏ ।

# ବୁଝି ବିଚାରି ବାଣୀର ପ୍ରୟୋଗ କରନ୍ତୁ

**ବା**ଣୀ ଈଶ୍ୱର ପ୍ରଦତ୍ତ ଏକ ଦୈବୀ ଉପହାର, ଯାହାକୁ ଭାରତୀୟ ଶାସ୍ତ୍ର ଗୁଡ଼ିକରେ ସରସ୍ୱତୀଙ୍କ ନିବାସ ସ୍ଥାନ ମନେ କରାଯାଇଛି । ବାକ୍‌ଶକ୍ତି ରୂପେ ତାହାର ବର୍ଣ୍ଣନା କରାଯାଇଛି । ଏଠାରେ ବାଣୀ ମାଧମରେ ପ୍ରକଟ ଧ୍ୱନିକୁ ଶବ୍ଦବ୍ରହ୍ମର ଉପମା ଦିଆଯାଇଛି ମନ୍ତ୍ରଶକ୍ତି ରୂପେ ଏହାର ହିଁ ସୂକ୍ଷ୍ମ ସ୍ୱରୂପ ପ୍ରକଟ ହୋଇଥାଏ । ଏହାର ସାମର୍ଥ୍ୟରେ ବରଦାନରୁ ନେଇ ଶାପ ଘଟିତ ହେବାର ପ୍ରସଙ୍ଗ ଶାସ୍ତ୍ରଗୁଡ଼ିକରେ ଭରି ରହିଛି ।

ଲୋକ ବ୍ୟବହାରରେ ବାଣୀର ମହତ୍ତ୍ୱ ରହିଛି, ଯାହା ସାମାଜିକ ଜୀବନରେ ସଫଳତାରୁ ନେଇ ଆନ୍ତରିକ – ସନ୍ତୋଷର ଆଧାର ହୋଇଥାଏ । ବାଣୀର ସ୍ଥୂଳ ସ୍ୱରୂପ ବୈଖରୀ ମାଧମରେ ମୁଖ ଦ୍ୱାରା ଉଚ୍ଚାରଣ କରାଯାଏ, ତ ପରା, ପଶ୍ୟନ୍ତୀ ଓ ମଧମା ମାଧମରେ ଅନ୍ତଃକରଣର ବାଣୀ ପ୍ରସ୍ଫୁଟିତ ହୋଇଥାଏ । ଏହାର ଆଗକୁ ଶାସ୍ତ୍ରଗୁଡ଼ିକରେ ଶବ୍ଦକୁ ବ୍ରହ୍ମର ଉପମା ଦିଆଯାଇଛି । ଶବ୍ଦର ବଡ଼ ସାମର୍ଥ୍ୟ ଥିବା କୁହାଯାଇଛି ।

ଯେତେବେଳେ ଆମେ କୌଣସି ଶବ୍ଦର ଉଚ୍ଚାରଣ କରୁ, ତ ତାହାର ପ୍ରଭାବ କେବଳ ବ୍ୟକ୍ତିର ଗୁପ୍ତ ମନ ଉପରେ ପଡ଼େ ନାହିଁ, ବରଂ ସାରା ସଂସାର ମଧ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ । କାରଣ ଶବ୍ଦର କେବେ ଲୋପ ହୁଏ ନାହିଁ ପ୍ରତ୍ୟେକ ଶବ୍ଦ ବାୟୁମଣ୍ଡଳରେ ଗୁଞ୍ଜରିତ ହେଉଥାଏ ଏବଂ ତାହା ସମାନ ଧର୍ମୀ ବ୍ୟକ୍ତିର ଗୁପ୍ତ ମନରେ ଧକ୍କା ଖାଇ ତା'ଠାରେ ତଦନୁକୂଳ ପ୍ରତିକ୍ରିୟା ଉତ୍ପନ୍ନ କରିଥାଏ ।

ଏହା ଅନୁଭବ ସିଦ୍ଧ କଥା ଯେ ଯାହା ପ୍ରତି ଆମେ ଶବ୍ଦ ଦ୍ୱାରା ଉତ୍ତମ ଭାବନା ପ୍ରକଟ କରୁ, ସେହି ବ୍ୟକ୍ତି ଅଜାଣତରେ ଆମର ପ୍ରେମୀ ଓ ଶୁଭଚିନ୍ତକ ହୋଇଯାଏ । ଏହାର ବିପରୀତ ଯାହା ବିଷୟରେ ଆମର ବିଚାର ବା ଶବ୍ଦ କଳୁଷିତ ହୋଇଥାଏ, ସେ ଅନାୟାସ ଆମର ଅହିତ ଚିନ୍ତକ ଶତ୍ରୁ ପାଲଟି ଯାଏ ଅର୍ଥାତ୍ ଶୁଭ ଓ ମଙ୍ଗଳ ବାଣୀ ଦ୍ୱାରା ଆୟୁଜନ ଏବଂ ସର୍ବ ସାଧାରଣ ସମାଜରେ ସଦ୍ଭାବନାର ପ୍ରଚାର କରିଥାନ୍ତି, ଯଦ୍ୱାରା ସମାଜର ବାତାବରଣ ଆନନ୍ଦ ଓ ଉଲ୍ଲାସପୂର୍ଣ୍ଣ ହୋଇଥାଏ । ପ୍ରତ୍ୟେକ ଶବ୍ଦ ଆମ ଅନ୍ତଃକରଣରେ ଏକ ଅଲିଭା ଗୁପ୍ତ ଛାପ ଛାଡ଼ିଯାଏ, ଯାହା ଆମର ସ୍ୱଭାବ ଓ ଚରିତ୍ର ନିର୍ମାଣରେ ଯୋଗଦାନ ଦେଇଥାଏ ।

ଶବ୍ଦର ଏହି ଅତୁଳନୀୟ ସାମର୍ଥ୍ୟକୁ ଦେଖି ଆମର ମନୀଷୀମାନେ ଓ ଶାସ୍ତ୍ରଗୁଡ଼ିକ ଆମକୁ ପ୍ରତ୍ୟେକ ଶବ୍ଦ ପ୍ରତି ଅତ୍ୟନ୍ତ ସାବଧାନ ରହିବାର ସଂକେତ ଦେଇଥିଲେ ତଥା ବାଣୀକୁ ସର୍ବଦା ମଧୁର, ପବିତ୍ର ଓ ହିତକାରୀ କରିବାର ନିର୍ଦ୍ଦେଶ ଦେଇଥିଲେ । ଗୋସ୍ୱାମୀ ତୁଳସୀ ଦାସଙ୍କ ଶବ୍ଦରେ 'ତୁଳସୀ ମୀଠେ ବଚନ ତେ, ସୁଖ ଉପଜତ ଚହୁଁ ଔର । ବଶୀକରଣ ଏକ ମନ୍ତ୍ର ହୈ, ତଜ ଦେ ବଚନ କଠୋର । ଏହିପରି 'କାଗା କାକୋ ଧନ ହରେ, କୋୟଲ କାକୋ ଦେୟ । ମୀଠୀବାଣୀ ବୋଲକର, ଜଗ ବସ ମେଂ କର ଲେୟ । ଅର୍ଥାତ୍ ମଧୁର କଥା କହି ସାରା ଜଗତକୁ ନିଜ ବଂଶରେ କରାଯାଇ ପାରେ । ଅନ୍ୟମାନଙ୍କୁ ନିଜର କରାଯାଇ ପାରେ । ଲୋକଙ୍କ ହୃଦୟରେ ନିଜର ସ୍ଥାନ ପ୍ରାପ୍ତ କରାଯାଇ ପାରେ । ଏହା ସହିତ ଶାସ୍ତ୍ରଗୁଡ଼ିକରେ ବାଣୀର ସତ୍ୟ ଓ କଲ୍ୟାଣକାରୀ ସ୍ୱରୂପ ଉପରେ ବି ଜୋର ଦିଆଯାଇଛି ।

ମହର୍ଷି ବ୍ୟାସ ଯୋଗ ଦର୍ଶନର ଭାଷାରେ କହିଛନ୍ତି ଯେ ସତ୍ୟର ପ୍ରୟୋଗ ଜୀବମାନଙ୍କ ହିତ ନିମନ୍ତେ କରିବା ଉଚିତ, ଅହିତ ପାଇଁ ନୁହେଁ । ଯାହା କହିଲେ ପ୍ରାଣୀମାନଙ୍କର କ୍ଷତି ହେଉଥାଏ ତାହାକୁ ସତ୍ୟ ହେଲେ ମଧ ଅସତ୍ୟ ଓ ପାପ ମନେ କରାଯିବ । ଏପରି ଅବିବେକ ପୂର୍ଣ୍ଣ ସତ୍ୟ କହିବା ଦ୍ୱାରା ଅନ୍ୟ ନିର୍ଦ୍ଦୋଷ ମାନଙ୍କୁ କଷ୍ଟ ସହିବାକୁ ପଡ଼େ ଓ ବକ୍ତାକୁ ପାପ ଲାଗେ । ତେଣୁ ପରିସ୍ଥିତିକୁ ଭଲ ଭାବରେ ବିଚାର କରି ବିବେକ ସାହାଯ୍ୟରେ ସମସ୍ତଙ୍କ ସକାଶେ କଲ୍ୟାଣକାରୀ ହେବା ପରି ବାଣୀ ହିଁ କହିବା ଉଚିତ ।

ଏହିପରି ବାଣୀ ଅମୃତ ଓ ବିଷ, ଉଭୟର କାମ କରିଥାଏ । ଯେଉଁ ବାଣୀ ସତ୍ୟ, ଉତ୍ସାହ ଓ ଜିଲ୍ଲାସ ବୃଦ୍ଧିକାରୀ, ନିଷ୍କପଟ, ମଧୁର ତଥା ହିତକର ହେବ, ତାହାକୁ ଅମୃତ ତୁଲ୍ୟ କୁହାଯିବ । ଏହାର ବିପରୀତ ଯେଉଁ ବାଣୀରେ କଠୋରତା, ଅହଂକାର, ଉପହାସ, କଟୁତା, ଦ୍ୱେଷଭାବ, ନିକୃଷ୍ଟତା ଆଦି ରହିବ – ତାହା ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ମଧ ବିଷମୟ ଏବଂ କ୍ଷତିକାରକ ହେବ ।

ବାଣୀ ଦ୍ୱାରା ଲୋକ କଲ୍ୟାଣ ସହିତ ଆତ୍ମ ନିର୍ମାଣର ପ୍ରୟୋଜନ ମଧ ସିଦ୍ଧ ହୋଇଥାଏ । ନିଜର ମନକୁ ସର୍ବଦା ସଂକଳ୍ପପୁଷ୍ଟ ବାଣୀ ଦ୍ୱାରା ସମ୍ବୋଧନ କରି ତାକୁ ସନ୍ମାର୍ଗରେ ଚାଲିବାର ପ୍ରେରଣା ଦିଆଯାଇ ପାରେ । ମନକୁ ଏକାଗ୍ର ଓ ଶାନ୍ତ କରି ଏଭଳି ଶବ୍ଦର ଉଚ୍ଚାରଣ କରାଯାଇ ପାରେ, ଯଦ୍ୱାରା ତାହାକୁ ନୂତନ ଚେତନା ଓ ନୂତନ ପ୍ରେରଣା ମିଳିବ । ଏହିପରି ଆତ୍ମନିର୍ଦ୍ଦେଶପୂର୍ଣ୍ଣ ଶବ୍ଦ ଦ୍ୱାରା ବ୍ୟକ୍ତି ନିଜର ମାନସିକ ଶକ୍ତି ଓ ଆତ୍ମବଳକୁ ପର୍ଯ୍ୟାପ୍ତ ମାତ୍ରାରେ ବଢ଼ାଇ ଜୀବନକୁ ପବିତ୍ର, ସୁଖୀ ଓ ସଂପନ୍ନ କରିପାରେ । ବାଣୀକୁ ସଶକ୍ତ ଓ ପ୍ରଭାବଶାଳୀ କରିବା ପାଇଁ ମୌନର ଅଭ୍ୟାସ କରାଯାଇ ପାରେ । ମହାତ୍ମା ଗାନ୍ଧୀ କହୁଥିଲେ ଯେ ମୌନ ସର୍ବୋତ୍ତମ ଭାଷଣ । କହିବାର ଥିଲେ ଅତି କମ୍ କହନ୍ତି । ଗୋଟିଏ ଶବ୍ଦରେ କାମ ଚଳିଗଲେ ଦ୍ୱିତୀୟ ଶବ୍ଦ କହନ୍ତୁ ନାହିଁ । ଫ୍ରାଙ୍କଲିନଙ୍କ ଶବ୍ଦରେ- ପିମ୍ପୁଡ଼ି ଠାରୁ ଉତ୍ତମ ଉପଦେଶ କେହି ଦେଇ ନ ଥାନ୍ତି ଏବଂ ସେ ମୌନ ରହିଥାଏ । କର୍ଲାଇଲ କହିଛନ୍ତି – ମୌନରେ ଶବ୍ଦ ଅପେକ୍ଷା ଅଧିକ ବାକ୍‌ଶକ୍ତି ଥାଏ । ଏହାର ବିପରୀତ ବାଣୀର ସଦୁପଯୋଗ ଦ୍ୱାରା ଆମ ଶକ୍ତିର ଏକ ବଡ଼ ଅଂଶ ନଷ୍ଟ ହୋଇଯାଏ । ସେଥିପାଇଁ ଇନ୍ଦ୍ରିୟ ସଂଯମ ପାଇଁ ଯେପରି ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଅଛି, ସେହିପରି ବାଣୀର ସଂଯମ ପାଇଁ ମୌନର ମହିମା କୁହାଯାଇଛି । ଏହାର ବିପରୀତ ବାଚାଳତା, ବ୍ୟର୍ଥ ପ୍ରଳାପ ହାନିକାରକ ସିଦ୍ଧ ହୋଇଥାଏ ।

ଏକରେ ତ ଏହା ଦ୍ୱାରା ଅନାବଶ୍ୟକ ଶକ୍ତି କ୍ଷୟ ହୋଇଥାଏ, ଦ୍ୱିତୀୟରେ ଏହା ଦ୍ୱାରା ବ୍ୟକ୍ତିତ୍ୱର ଲଘୁତା ପ୍ରକଟ ହୋଇଥାଏ । ପୁଣି କଥା ପ୍ରବାହରେ ଜିଭ କେତେବେଳେ ଖସିଯାଏ ଓ ଅର୍ଥର ଅନର୍ଥ ବାହାରିଥାଏ, ଜଣା ପଡ଼େ ନାହିଁ, ଯାହା ପରେ ନିଜ ପାଇଁ ଗମ୍ଭୀର ପଶ୍ଚାତାପର କାରଣ ହୋଇଯାଏ । ନିଃସନ୍ଦେହ ମୌନରେ ବଡ ଶକ୍ତି ଅଛି । ବାଣୀ ସଂଯମ ବା ଯଥାସମ୍ଭବ ମୌନ ଦ୍ୱାରା ବାଣୀକୁ ବଳ ମିଳିବ । ସପ୍ତାହ ବା ମାସରେ ଗୋଟିଏ ଦିନ ମୌନ ରହି ସେଦିନ କେବଳ ଆତ୍ମଚିନ୍ତନ-ମନନ ଓ ସଚ୍ଚିନ୍ତନର ଅଭ୍ୟାସ କରା ଯାଇପାରେ । ଯେତିକି ଆବଶ୍ୟକ କେବଳ ସେତିକି କହନ୍ତୁ । ସାର ରୂପେ ବାଣୀର ସନ୍ତୁଳିତ ପ୍ରୟୋଗ ହି ଠିକ୍ ହୋଇଥାଏ । ବୁଦ୍ଧିମାନ୍ ଲୋକେ ବାଣୀର ପ୍ରୟୋଗ ବଛା ବଛା ଶବ୍ଦରେ କରନ୍ତି । ଚାଲୁଣିରେ ଛାଣି ଭୁସିକୁ ଯେପରି ଅଲଗା କରି ଦିଆଯାଏ, ସେହିପରି ମନ ଦ୍ୱାରା ଶବ୍ଦଗୁଡ଼ିକୁ ଛାଣି ଯାହା କହିବା ଦରକାର, ତାହା ସେତିକି ହିଁ କହନ୍ତୁ । ବାଣୀର ସଦୁପଯୋଗ ଏକ ପ୍ରକାର ସାଧନା, ଯାହାର ଅଭ୍ୟାସ ସମସ୍ତେ କରିବା ଆବଶ୍ୟକ ।

# ଆଶଙ୍କାରେ ମୁଦ୍ରିତ ସମ୍ବାଦପତ୍ର ବିଜ୍ଞାପନ ଆୟ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତୀୟ ମୁଦ୍ରିତ ସମ୍ବାଦପତ୍ର କ୍ଷେତ୍ରରେ ମହାମାରୀ-ପର ପରିବେଶରେ ଦୁଇଗୋଟି ସମସ୍ୟା ଉଦବେଗର କାରଣ । ପ୍ରଥମତଃ, କ୍ରମବିକଶିତ ଡିଜିଟାଲ ସମ୍ବାଦ ମଞ୍ଚ ମୁଦ୍ରିତ ସମ୍ବାଦ ପତ୍ରର ସ୍ଥିତାବସ୍ଥାକୁ କେତେ ମାତ୍ରାରେ ପ୍ରଭାବିତ କରିବ ଏବଂ ଦ୍ୱିତୀୟତଃ, ବିଜ୍ଞାପନ-ଆଶ୍ରିତ ମଡ଼େଲ ଭବିଷ୍ୟତରେ ବ୍ୟାବସାୟିକ ସନ୍ତୁଳନ ରକ୍ଷା କରିପାରିବ କି ? ଏହି ଦୁଇ ଗୋଟି ପ୍ରଶ୍ନର ଉତ୍ତର ଦେଶରେ ପ୍ରକାଶିତ ସମସ୍ତ ମୁଦ୍ରିତ ସମ୍ବାଦପତ୍ର ନିମନ୍ତେ ସମାନ ନ ହେଲେ ମଧ ସାମଗ୍ରିକ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ।

ଗଣମାଧମରେ ଡ଼ିଜିଟାଲ ବୈଷୟିକ କୌଶଳ ପ୍ରଚଳନରେ ମୁଦ୍ରିତ ସମ୍ବାଦପତ୍ର ପହଞ୍ଚ 'ଏସେସ', ବିବିଧତା 'ଭେରାଇଟି' ଓ ରୁଚି 'ଫୋକସ' କ୍ଷେତ୍ରରେ ଡିଜିଟାଲ ସମ୍ବାଦ ମଞ୍ଚର ମୁକାବିଲା କରିପାରୁ ନାହିଁ । ଭାରତରେ ୨୦୨୧ ଶେଷ ସୁଦ୍ଧା ୫୦ କୋଟି ସ୍ମାର୍ଟଫୋନ ବ୍ୟବହାରକାରୀ ହିସାବ କରାଯାଇଥିବା ସ୍ଥଳେ ମୁଦ୍ରଣ ସମ୍ବାଦପତ୍ରର ପ୍ରଭାତୀ ସଂସ୍କରଣ ଅପେକ୍ଷାରେ ଅନ୍ତ ଘଟିଛି । ବିଂଶ ଶତାବ୍ଦୀର ନବମ ଦଶକରେ ଟେଲିଭିଜନର ପ୍ରସାର ପରେ ସମ୍ବାଦ ଉପଭୋକ୍ତାମାନେ ରେଡ଼ିଓ ଓ ଟେଲିଭିଜନରେ ପ୍ରମୁଖ ଘଟଣାର ସୂତ୍ର ପାଇସାରିବା ପରେ ସଂପୂର୍ଣ୍ଣ ବିବରଣୀ ଓ ଅଭିମତ ଜାଣିବାଲାଗି ପରବର୍ତ୍ତୀ ସକାଳ ଯାଏଁ ଅପେକ୍ଷା କରୁଥିଲେ । କିନ୍ତୁ ଡିଜିଟାଲ ମଞ୍ଚ ଘଟଣା ଘଟିବାର ଖୁବ କମ ସମୟ ବ୍ୟବଧାନରେ ସୁବିସ୍ତୃତ ତଥ୍ୟ ଓ ଅଭିମତ ପ୍ରସାରଣର ବ୍ୟବସ୍ଥା କରିପାରିଛି ।

ସ୍ମାର୍ଟଫୋନର ବ୍ୟବହାର ଫଳରେ ସମ୍ବାଦ ଆହରଣ ନିମନ୍ତେ ବିସ୍ତୃତ ଉପଭୋକ୍ତା, ଅସୀମିତ ସମୟ ଓ ଅଡ଼ିଓ-ଭିଡ଼ିଓ ପ୍ରଦର୍ଶନ ସାଙ୍ଗକୁ ସମ୍ବାଦ ମଞ୍ଚର ପରିମିତି ଓ ବିବିଧତା ବୃଦ୍ଧି ସୁବିଧାସୁଯୋଗ ସୃଷ୍ଟି ହୋଇଛି । ଫଳରେ ସମ୍ବାଦ ଉପଭୋକ୍ତା ଏକକ ମୁଦ୍ରିତ ସମ୍ବାଦପତ୍ର ବଦଳରେ ଏକାଧିକ ସମ୍ବାଦ ମଞ୍ଚରେ ଉପସ୍ଥିତିର ସୁଯୋଗ ପାଉଛନ୍ତି । ସୋସିଆଲ ମିଡ଼ିଆ ବ୍ୟବହାର ବୃଦ୍ଧି ସାଧାରଣ ନାଗରିକଙ୍କୁ ବହୁ ସଂଖ୍ୟକ ସମ୍ବାଦ ମଞ୍ଚରେ ପହୁଞ୍ଚାଇ ପାରୁଛି । ଏହି ଜଟିଳ ପରିସ୍ଥିତିରେ ମୁଦ୍ରିତ ସମ୍ବାଦପତ୍ରର ସାମର୍ଥ୍ୟ କ୍ରମଶଃ ମଳିନ ହୋଇ ପଡୁଥିବା ପ୍ରତୀୟମାନ ହୁଏ ।

ଭାରତରେ ଜନସଂଖ୍ୟାର ତିନି ଚତୁର୍ଥାଂଶ ୪୫ ବର୍ଷରୁ କମ ଏବଂ ଅର୍ଦ୍ଧେକ ୨୪ ବର୍ଷରୁ କମ । ଏହି ଦୁଇ ବର୍ଗରେ ସ୍ମାର୍ଟଫୋନ ବ୍ୟବହାର ସର୍ବାଧିକ ଥିବା ହେତୁ ମୁଦ୍ରିତ ସମ୍ବାଦପତ୍ର ବ୍ୟାପକ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି । ବିଭିନ୍ନ ଅଧ୍ୟୟନରୁ ଜଣାଯାଏ ଯେ ମୁଦ୍ରିତ ସମ୍ବାଦପତ୍ର ଗ୍ରାହକ ଏଣିକି ୪୫ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷିତ ଆର୍ଥିକ ଦିଗରୁ ସ୍ୱଚ୍ଛଳ ବର୍ଗରେ ସୀମିତ ହେବାରେ ଲାଗିଛି ।

ଅପରପକ୍ଷେ ମୁଦ୍ରିତ ସମ୍ବାଦପତ୍ର ଦୀର୍ଘ ଦୁଇ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟଧରି ବିଜ୍ଞାପନ-ଆଶ୍ରିତ ମଡ଼େଲରେ ବିକଶିତ ହୋଇ ଆସିଥିବା ସ୍ଥଳେ ଇ-କମର୍ସ ଓ ସୋସିଆଲ ମିଡ଼ିଆର ଲୋକପ୍ରିୟତା ବିଜ୍ଞାପନ ଅପସାରଣରେ ପର୍ଯ୍ୟବସିତ ହୋଇଛି । ଭବିଷ୍ୟତରେ ଇଣ୍ଟରନେଟର ବିସ୍ତୃତି ଓ ବ୍ୟବହାର ବୃଦ୍ଧି ଆକଳନ କରାଯାଉଥିବା ହେତୁ ଏହି ପ୍ରବାହ ଶକ୍ତିଶାଳୀ ହେବା ସୁନିଶ୍ଚିତ । ମହାମାରୀରେ ଦୂରାବସ୍ଥାନ ନୀତି ସାମାଜିକ ଓ ବ୍ୟାବସାୟିକ ଆଚରଣରେ ଗୁରୁତର ପରିବର୍ତ୍ତନ ସୂତ୍ରପାତ କରାଇଥିଲା ଏବଂ ଭୂତାଣୁ ସଂକ୍ରମଣ ଭୟ ଦୀର୍ଘସ୍ଥାୟୀ ଆକଳନ କରାଯାଉଥିବା ହେତୁ ପାଠକ ଅଭାବରେ ମୁଦ୍ରିତ ସମ୍ବାଦପତ୍ରର ବିଜ୍ଞାପନ ଆୟ ହ୍ରାସର ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି ।

ମହାମାରୀ-ପର ଅବସ୍ଥାରେ ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସ ଅବଧିରେ ଭାରତୀୟ ମୁଦ୍ରିତ ସମ୍ବାଦପତ୍ର ଓ ଟେଲିଭିଜନରେ ବିଜ୍ଞାପନ ଆୟ ବୃଦ୍ଧି ପାଇଥିଲା । କେତେକ ମୁଦ୍ରିତ ସମ୍ବାଦପତ୍ର ବିଜ୍ଞାପନ ପ୍ରକାଶନ କ୍ଷେତ୍ରରେ ପ୍ରାୟ ଶତ ପ୍ରତିଶତ ଦକ୍ଷତା ହାସଲ କରିଥିବା ଦାବି କରିଥିଲେ । ତେବେ ଗଣମାଧମ ସମୀକ୍ଷକମାନେ ଦୁଇଗୋଟି ପ୍ରଶ୍ନର ଉତ୍ତର ଖୋଜୁଥାନ୍ତି । ପ୍ରଥମତଃ, ମହାମାରୀ-ପର ପରିବେଶରେ ମୁଦ୍ରିତ ସମ୍ବାଦପତ୍ରର ପ୍ରସାର ସଂଖ୍ୟା କେଉଁ ସ୍ତରରେ ପହଞ୍ଚିଛି ? 'ଇଣ୍ଡିଆନ ରିଡ଼ରସିପ ସର୍ଭେ ୨୦୧୯' ପରଠାରୁ ଅର୍ଥାତ ମହାମାରୀ ଓ ମହାମାରୀ-ପର ଅବସ୍ଥାରେ ପାଠକ ସର୍ବେକ୍ଷଣ ଆୟୋଜିତ ହୋଇ ନ ଥିବା ହେତୁ ନିର୍ଭରଯୋଗ୍ୟ ତଥ୍ୟ ଅଭାବରେ ପାଠକ ସଂଖ୍ୟା କେତେ କାଳ ବିଜ୍ଞାପକମାନେ କାଳ୍ପନିକ ସଂଖ୍ୟାରେ ବିଶ୍ୱାସ ରଖିବେ ?

ଦ୍ୱିତୀୟରେ ମହାମାରୀରେ ଗଣମାଧମ ଭଳି ପ୍ରତ୍ୟେକ ଶିଳ୍ପ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ମହାମାରୀ-ପର ଅବସ୍ଥାରେ ସମସ୍ତେ ନିଜକୁ ସଜାଡ଼ିବା ନିମନ୍ତେ ଉଦ୍ୟମରତ । ଏହି ତତ୍ପରତା ସର୍ବସାଧାରଣରେ ପ୍ରକାଶ ନିମନ୍ତେ ସାମଗ୍ରୀ ଉତ୍ପାଦକ ଓ ବିକ୍ରେତାମାନେ ବିଜ୍ଞାପନକୁ ଆଧାର କରୁ ନାହାନ୍ତି କି ? ତେଣୁ ସାମୟିକ ବିଜ୍ଞାପନ ବ୍ୟୟ ଦୀର୍ଘସ୍ଥାୟୀ ହୋଇପାରିବ କି ? ସାଧାରଣ ବିଚାରରେ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ-ପର ଅବସ୍ଥାରେ ଆର୍ଥିକ ଶୃଙ୍ଖଳ ଦୋହଲି ଯାଇଥାଏ । କୋଭିଡ଼-୧୯ ମହାମାରୀ କ'ଣ ଏକ ବ୍ୟତିକ୍ରମ ପ୍ରମାଣିତ ହେବ ? ବିଜ୍ଞାପନ ବ୍ୟୟ କମିଗଲେ ମୁଦ୍ରିତ ସମ୍ବାଦପତ୍ର ଭାଗରେ କେତେ ପଡ଼ିବ ?

ଭାରତରେ ୨୦୨୦ରେ ବିଜ୍ଞାପନ ଆୟ କ୍ଷେତ୍ରରେ ଟେଲିଭିଜନ ସର୍ବୋଚ୍ଚ ସ୍ଥାନରେ ରହିଥିବା ସ୍ଥଳେ ଦ୍ୱିତୀୟରେ ଡିଜିଟାଲ ମଞ୍ଚ ଏବଂ ତୃତୀୟରେ ମୁଦ୍ରିତ ସମ୍ବାଦପତ୍ରର ସ୍ଥାନ ନିର୍ଦ୍ଧାରିତ ହୋଇଥିଲା । ଟେଲିଭିଜନ ବିଜ୍ଞାପନ ଆୟର ଅର୍ଦ୍ଧେକ ସୀମାରେ ଡିଜିଟାଲ ମଞ୍ଚ ପହଞ୍ଚିଥିଲା । ହିସାବ ଅନୁଯାୟୀ ମାସିକ ଟେଲିଭିଜନ ଦର୍ଶକ ସଂଖ୍ୟା ୮୯ କୋଟି ୨୦ ଲକ୍ଷ, ଡିଜିଟାଲ ମଞ୍ଚ ଉପଭୋକ୍ତା ସଂଖ୍ୟା ୪୬ ଗୋଟି ୮୦ ଲକ୍ଷ ଏବଂ ମୁଦ୍ରିତ ସମ୍ବାଦପତ୍ର ପାଠକ ସଂଖ୍ୟା ୪୨ କୋଟି ୧୦ ଲକ୍ଷ । ବାର୍ଷିକ ଏକ ଲକ୍ଷ ୩୮ ହଜାର ତିନିଶହ କୋଟି ବିଜ୍ଞାପନ ବ୍ୟବସାୟରେ ପରିବର୍ତ୍ତିତ ପରିବେଶ କାହାଭାଗରେ କେତେ ପଡ଼ିବ ତାହା ସମୟ କହିବ ।

ଦେଶରେ ବହୁଳ ପ୍ରସାରିତ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ବ୍ୟାବସାୟିକ ବିଜ୍ଞାପନ ଉପରେ ନିର୍ଭର କରୁଥିବା ସ୍ଥଳେ ଅଳ୍ପ ପ୍ରସାରିତ ମୁଦ୍ରିତ ସମ୍ବାଦପତ୍ର ଗୁଡ଼ିକର ମୁଖ୍ୟ ଆୟ ସରକାରୀ ବିଜ୍ଞାପନ । ଗଣମାଧମ ସମୀକ୍ଷକମାନେ ସରକାର ଓ ରାଜନୀତିକ ଦଳଗୁଡ଼ିକ ଡିଜିଟାଲ ମଞ୍ଚରେ ଦର୍ଶକ ସଂଖ୍ୟା ବଢୁଥିବା ହେତୁ କ୍ରମଶଃ ସେହି ଦିଗରେ ବିଜ୍ଞାପନ ପ୍ରକାଶ କରିବା ଆଗ୍ରହ ପ୍ରକାଶ କଲେଣି । ନିକଟ ଭବିଷ୍ୟତରେ ଏହି ଦୃଷ୍ଟିକୋଣ ସଂପ୍ରସାରିତ ହୋଇ ୨୦୨୪ ନିର୍ବାଚନ ପରବର୍ତ୍ତୀ ଅବସ୍ଥାରେ ମୁଦ୍ରିତ ସମ୍ବାଦପତ୍ର ବିଜ୍ଞାପନ ନୀତି ଆମୂଳଚୂଳ ପରିବର୍ତ୍ତନ ଆଶା କରିବା ନିରାଧାର ନୁହେଁ ।

ଓଡ଼ିଶା ଭଳି ରାଜ୍ୟରେ ବହୁ ସଂଖ୍ୟକ ମୁଦ୍ରିତ ସମ୍ବାଦପତ୍ର ବ୍ୟାବସାୟିକ କିମ୍ବା ସରକାରୀ ବିଜ୍ଞାପନ ଆୟ ବଦଳରେ ବଦାନ୍ୟତାରେ ସମୃଦ୍ଧ । ମହାମାରୀ-ପର ପରିବେଶରେ ଏହି ମଡ଼େଲରେ ସଂସ୍କାର ଆଣିବା ସମୟ ଉପନୀତ । ସମ୍ବାଦ ମଞ୍ଚଗୁଡ଼ିକ ଯଦି ଅଣ-ବ୍ୟବସାୟିକ ପ୍ରତିଷ୍ଠାନ ରୂପେ ଗଢ଼ି ଉଠିବ ଏବଂ କତିପୟଙ୍କ ଦୟା ଉପରେ ନିର୍ଭର ନକରି ବିସ୍ତୃତ ପାଠକ ସମାଜର ଅନୁଦାନରେ ପରିଚାଳିତ ହେବ ତେବେ ଗୁଣାତ୍ମକ ସାମ୍ବାଦିକତା ନିମନ୍ତେ ପଥ ଉନ୍ମୁକ୍ତ ସମ୍ଭବ ।

ବ୍ରିଟେନରେ ରଏଟର୍ସ ଇନଷ୍ଟିଚ୍ୟୁଟ ଫର ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ ପକ୍ଷରୁ ମହାମାରୀ-ପର ଅବସ୍ଥାରେ ୩୩ ଗୋଟି ରାଷ୍ଟ୍ରରେ ସମ୍ବାଦ ମଞ୍ଚ ପରିଚାଳନା ସଂପର୍କରେ ସର୍ବେକ୍ଷଣ ଆୟୋଜନ କରାଯାଇଥିଲା । ଏଥିରୁ ଜଣାଯାଇଥିଲା ଯେ ୨୭ ପ୍ରତିଶତ ସର୍ବେକ୍ଷଣ ଅଂଶଗ୍ରହଣକାରୀ ସମ୍ବାଦ ସଂସ୍ଥାଗୁଡ଼ିକୁ ସରକାରୀ ସହାୟତାକୁ ସମର୍ଥନ କରିଥିବା ସ୍ଥଳେ ୪୪ ପ୍ରତିଶତ ବିରୋଧ କରିଥିଲେ । ଅବଶ୍ୟ ଭାରତରେ ୫୧ ପ୍ରତିଶତ ସମର୍ଥନ ଏବଂ ୨୮ ପ୍ରତିଶତ ବିରୋଧ କରିଥିବା ଜଣାଯାଇଥିଲା । ସେହିପରି ଆନ୍ତର୍ଜାତିକ ସ୍ତରରେ ୬୬ ପ୍ରତିଶତ ସମ୍ବାଦମଞ୍ଚ ପରିଚାଳକ ପ୍ରକାଶନ ବ୍ୟବସାୟରେ ବିଜ୍ଞାପନକୁ ପ୍ରାଧାନ୍ୟ ଦେଉଥିବା ବେଳେ ୭୬ ପ୍ରତିଶତ ଗ୍ରାହକଚାନ୍ଦା ଓ ଅନ୍ୟ ଆୟପ୍ରତି ଗୁରୁତ୍ୱାରୋପ କରିଥିଲେ ।

ମୁଦ୍ରିତ ସମ୍ବାଦପତ୍ରର ବିଜ୍ଞାପନ ଆୟ ପ୍ରତିଯୋଗୀ ଡିଜିଟାଲ ସମ୍ବାଦମଞ୍ଚଗୁଡ଼ିକର ଲୋକପ୍ରିୟତା ବୃଦ୍ଧି କାରଣରୁ ପାଠକ ସଂଖ୍ୟା ହ୍ରାସ ଓ ବିଜ୍ଞାପନ ଅପସାରଣ ହେତୁ ବିଘଟନର ସମ୍ମୁଖୀନ ହୋଇଛି । ଏହି ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ ଆବଶ୍ୟକ । ଇଂଲିଶ ସମ୍ବାଦପତ୍ର କ୍ଷେତ୍ରରେ ଏହି ସମସ୍ୟା ଗୁରୁତର ହୋଇ ପଡ଼ିଥିବା ସ୍ଥଳେ 'ଦି ଟାଇମ୍ସ ଅଫ ଇଣ୍ଡିଆ'ର ଭୁବନେଶ୍ୱର ସଂସ୍କରଣ ମୁକାବିଲା ଉଦ୍ୟମର ଏକ ସଫଳ ଉଦାହରଣ । ସମ୍ବାଦ ପତ୍ରଟିର କଳେବର ୨୪ ପୃଷ୍ଠାରୁ ୧୦ ପୃଷ୍ଠାକୁ କମି ଆସିଥିବା ସ୍ଥଳେ ପଠନଯୋଗ୍ୟ ସମ୍ବାଦ ପ୍ରକାଶନର ପରିମାଣ କମି ନାହିଁ । ଏହାହିଁ ଗୁଣାତ୍ମକ ସମ୍ପାଦନାର ନିଦର୍ଶନ । ସେହିପରି ଟାଇମ୍ସ ଦୈନିକ ସଂସ୍କରଣ ମୂଲ୍ୟ ଛଅ ଟଙ୍କା ପ୍ରତିଯୋଗୀ ବହୁଳ ପ୍ରସାରିତ ଓଡ଼ିଆ ସମ୍ବାଦପତ୍ର ମୂଲ୍ୟଠାରୁ କମ । ଅବଶ୍ୟ ଟାଇମ୍ସ ମଡ଼େଲ ଆଞ୍ଚଳିକ ସମ୍ବାଦପତ୍ର କ୍ଷେତ୍ରରେ ପ୍ରତିଫଳନ କେତେଦୂର ସମ୍ଭବ ତାହା ଭିନ୍ନ ପ୍ରସଙ୍ଗ ।

## ଆଜିର ଚିନ୍ତନ

ଭଗବାନଙ୍କ ନାମ ନେବା ବେଳେ, କୀର୍ତ୍ତନ କଲା ବେଳେ ତାଳି ବଜାନ୍ତି । ତାଳି ହେଉଛି ନାଦ ବ୍ରହ୍ମ । ନାଦ ବ୍ରହ୍ମଙ୍କ ଉପାସନା କଲେ, ଜଗତର ବିସ୍ମୃତି ହୋଇଥାଏ । ଅନ୍ୟ କୌଣସି ଶବ୍ଦ କର୍ଣ୍ଣ-ବିବରରେ ପ୍ରବେଶ କରେ ନାହିଁ । ମଧୁର ନାଦ ଶୁଣି ଦୁଷ୍ଟ ନାଗପାସ ମଧ ଫଣା ହଲାଏ । ନାଗ ଭୁଲିଯାଏ ତା'ର ଫଣାରେ ବିଷ ରହିଛି । ନାଦ ବ୍ରହ୍ମ ଉପାସନା କଲେ, ଜଗତର ସମ୍ବନ୍ଧ ତୁଟିଯାଏ । ନାଦବ୍ରହ୍ମ ଏବଂ ନାମବ୍ରହ୍ମ ଯେତେବେଳେ ଏକ ହୋଇଯାନ୍ତି । ସେତେବେଳେ ପରବ୍ରହ୍ମ ପ୍ରକଟ ହୋଇଯାନ୍ତି । ପ୍ରେମରେ କୀର୍ତ୍ତନ କଲେ, ଭଗବାନଙ୍କ ଦର୍ଶନ ହୁଏ । କୀର୍ତ୍ତନରେ କିଞ୍ଚିତ ମାତ୍ରାରେ ହୃଦୟ ତରଳିଲେ କିଛି ତନ୍ମୟତା ଆସିଲେ, ଆନନ୍ଦ ମିଳେ । ବୁଝିବାକୁ ହେବ ଭଗବାନଙ୍କ ଦର୍ଶନ ମିଳିଗଲା । ଆନନ୍ଦ ହିଁ ଭଗବାନ । ଆନନ୍ଦରୁ ହିଁ ଏ ଜୀବ ସୃଷ୍ଟି- ଆନନ୍ଦାତ୍ ଖିଲ୍ୱ ଇମାନି ଭୂତାନି । ଭଗବାନ ସତ୍- ଚିତ୍- ଆନନ୍ଦର ସମାହାର ସଚ୍ଚିଦାନନ୍ଦ । ଭଗବାନ୍ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି ନାହିଁ ଦର୍ଶନ ହୁଏ ଆନନ୍ଦରୁ, ଆନନ୍ଦ ହିଁ ମାଧମ । ଏହାର କାରଣ ହେଉଛି ଜୀବ ଭଗବାନଙ୍କର ତେଜ ସହିପାରେ ନାହିଁ । ତେଣୁ ପୁରାଣରେ ବର୍ଣ୍ଣନା ଅଛି ଯାହାକୁ ଦର୍ଶନ ଦିଅନ୍ତି, ତାକୁ ଦିବ୍ୟ ଚକ୍ଷୁ ଦେଇଥାନ୍ତି । ସ୍ୱଭକ୍ତ, ଅନ୍ତରଙ୍ଗ ସଖା, ନିଜ ଭିଣୋଇ ଅର୍ଜୁନଙ୍କୁ ମଧ ଦିବ୍ୟ ଚକ୍ଷୁ ଦେଇ ବିଶ୍ୱରୂପ ଦେଖାଇ ଥିଲେ । ଭଗବାନ ତେଜୋମୟ । କୋଟି କୋଟି ରବି ଧୂଳି ରୂପେ ତୁମ୍ଭ ପଦେ ହୋଇଛନ୍ତି ଲୁଣ୍ଠ । ଗୋଟିଏ ସୂର୍ଯ୍ୟଙ୍କୁ ମନୁଷ୍ୟ ଖାଲି ଆଖିରେ ଦେଖିପାରେ ନାହିଁ । ଆଉ କୋଟି କୋଟି ସୂର୍ଯ୍ୟ ଯାହାଙ୍କ ପାଦର ଧୂଳି ତାଙ୍କ ତେଜ ମନୁଷ୍ୟ ଖାଲି ଆଖିରେ ସହ୍ୟ କରିପାରିବ ବା କିପରି ? ତେଣୁ ସତ୍ ସ୍ୱରୂପରେ ଚିତ ସ୍ୱରୂପରେ, ଆନନ୍ଦ ସ୍ୱରୂପରେ ଦାନ ଦିଅନ୍ତି । ଭଜନରେ କୀର୍ତ୍ତନରେ ହୃଦୟ ତରଳିଥାଏ । ଆଖି ଲୁହ ଭିଜା ହୋଇଥାଏ । ମନୁଷ୍ୟ ଦେହକୁ ଭୁଲି ଯାଇଥାଏ ଭିତରେ ଆନନ୍ଦ ମିଳେ ଆନନ୍ଦ ହିଁ ଭଗବାନ । ଯାହାର ମନ ବିଗିଡି ଯାଇଛି, ତାକୁ ଦର୍ଶନାନୁଭୂତି ହୁଏ ନାହିଁ । ବିଜୁଳି ବଲବ ଅଛି । ବିଜୁଳି ସ୍ରୋତ ମଧ ଅଛି । କିନ୍ତୁ ବଲବ୍ ଖରାପ ହୋଇ ଯାଇଥିଲେ । ତାହା ଆଲୋକ ଦେଇପାରେ ନାହିଁ । ନିଜ ମନ ବଲବକୁ ଆଗ ଠିକ୍ କର । ଯେ ନିଜ ମନକୁ ଜିଣିଛନ୍ତି, ସେ ଜଗତ ଜିଣିଛନ୍ତି । ମନର ବିଜେତା ହିଁ ଜଗତର ବିଜେତା । ମନେ ମନେ ମୁଁ ବଡ଼ ବୀର ବୋଲି ଭାବିଲେ କେହି ପ୍ରକୃତରେ ବୀର ହୋଇ ଯାଏ ନାହିଁ । ଯେ ନିଜ ଭିତରେ ଥିବା ଛଅଗୋଟି ଶତ୍ରୁ - କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟଙ୍କୁ ଜୟ କରିଛନ୍ତି ସେ ହିଁ ବୀର । ଏହି ଛଅ ରିପୁ ବଳବାନ ଦସ୍ୟୁ । ଏମାନେ ମନୁଷ୍ୟର ବିବେକରୂପୀ ଧନକୁ ଲୁଟି ନେଇଥାନ୍ତି । ଧନହୀନ ମନୁଷ୍ୟ ଦରିଦ୍ର ନୁହେଁ । ବିବେକ ଧନହୀନ ଅବିବେକୀ ହିଁ ପ୍ରକୃତ ପକ୍ଷେ ଦରିଦ୍ର । ଜନ୍ମ ପୂର୍ବରୁ ହିଁ ମୃତ୍ୟୁ ନିର୍ଦ୍ଧାରିତ ହୋଇ ସାରିଥାଏ । ଗୋଟିଏ ଦିନ ବିତିଗଲେ ମନୁଷ୍ୟ ମୃତ୍ୟୁ ଆଡ଼କୁ ଆଉ ପାଦେ ଚାଲିଯାଏ । ପ୍ରତ୍ୟେକ ଜୀବ ଇଚ୍ଛା କରନ୍ତି ସୁଖି ମରଣ । ପ୍ରଭୁ ଚିନ୍ତନ, ସ୍ମରଣରେ ହିଁ ସୁଖ ମରଣ ପ୍ରାପ୍ତ ହୋଇଥାଏ । କ୍ରୋଧ, ରାଗ, ଦ୍ୱେଷ, ତ୍ୟାଗ କରି ପରମାତ୍ମାଙ୍କ ଧାନ କଲେ ସୁଖମରଣ ପ୍ରାପ୍ତ ହୁଏ ।

# ସର୍ବଧର୍ମ ମହାସଭାର ମନ୍ତ୍ର- ଗାୟତ୍ରୀ ମହାମନ୍ତ୍ର

ଭାରତୀୟ ଆର୍ଷ ଗ୍ରନ୍ଥଗୁଡିକରେ ଗାୟତ୍ରୀ ମହାମନ୍ତ୍ରର ମହତ୍ତ୍ୱ ମୁକ୍ତ କଣ୍ଠରେ ଗାନ କରାଯାଇଛି । ଅନ୍ୟ ଦେଶ ଓ ଅନ୍ୟ ସମ୍ପ୍ରଦାୟଗୁଡିକର ଆଧ୍ୟାତ୍ମିକ ସାଧକ, ବିଚାରକମାନେ ମଧ ତାହାକୁ ଅଦଭୁତ ତଥା ଅନୁପମ କହିଛନ୍ତି । ମନ୍ତ୍ରଗୁଡିକର ବିଶେଷତା ସେଗୁଡିକର ଶାବ୍ଦିକ ଗଠନ ଓ ସେଥିରେ ସନ୍ନିହିତ ଭାବ ଯୋଗୁଁ ରହିଥାଏ । ଗାୟତ୍ରୀ ମନ୍ତ୍ର ବିଷୟରେ ମଧ ସିଦ୍ଧ ସାଧକମାନଙ୍କର ସେହି ପ୍ରକାର ଦିବ୍ୟ ଅନୁଭବ ରହିଛି ।

ଥିଓସଫିକଲ ସୋସାଇଟି ବିଶ୍ୱମାନ୍ୟ ଆଧ୍ୟାତ୍ମିକ ସଂଗଠନ ଅଟେ । ୧୨୫ ରୁ ଅଧିକ ଦେଶରେ ତାହାର ସମର୍ଥନ ତନ୍ତ୍ର ବିସ୍ତାର ଲାଭ କରିଛି । ଉକ୍ତ ସଂଗଠନର ସମ୍ମିଳନୀ ଯେଉଁଠି ବି ହୋଇଥାଏ, ତାହାର ଶୁଭାରମ୍ଭ ଭାରତୀୟ ପରମ୍ପରା ଅନୁରୂପ ବିଶେଷ ସାମୂହିକ ପୂଜା ପ୍ରକ୍ରିୟାର ସହିତ କରାଯାଏ । ସେହି ପୂଜନ ପଦ୍ଧତିକୁ 'ଭାରତ ସମାଜ ପଦ୍ଧତି' କୁହାଯାଏ । ତାହାର ଏକ ଛୋଟ ପୁସ୍ତିକା ଏହି ନାମରେ ପ୍ରକାଶିତ, ଯାହାର ଆଧାରରେ ତାହାର ସମସ୍ତ ସାଧକ ସାମୂହିକ ପୂଜନରେ ଭାଗ ନିଅନ୍ତି । ଉକ୍ତ ପୁସ୍ତିକାର ଭୂମିକାରେ ପାଦ୍ରି ଲେଡବିଟର ଗାୟତ୍ରୀ ମନ୍ତ୍ର ବିଷୟରେ ନିଜର ଗୁରୁତ୍ୱପୂର୍ଣ୍ଣ ଅନୁଭବ ପ୍ରକାଶିତ କରିଛନ୍ତି ।

ଶ୍ରୀ ଲେଡବିଟର ଅକଲଟିଷ୍ଟ ବିଭିନ୍ନ ଆଧ୍ୟାତ୍ମିକ ପ୍ରୟୋଗ ଦ୍ୱାରା ହେଉଥିବା ସୂକ୍ଷ୍ମଜଗତର ପ୍ରଭାବ, ପ୍ରତିକ୍ରିୟାଗୁଡିକୁ ଅନୁଭବ କରି ନେଉଥିଲେ । ତାଙ୍କ ଅନୁଭବର ସାର ସଂକ୍ଷେପ କିଛି ଏହିପରି- ଗାୟତ୍ରୀ ମନ୍ତ୍ରର ଭାବପୂର୍ଣ୍ଣ ଜପର ପ୍ରଭାବ ସୂକ୍ଷ୍ମଜଗତରେ ତତ୍କାଳ ପରିଲକ୍ଷିତ ହୋଇଥାଏ । ଅନନ୍ତ ଆକାଶରୁ ଦିବ୍ୟ ଉର୍ଜାର କିରଣ ପୁଞ୍ଜ ସାଧକର ଶରୀରରେ ଅବତରିତ ହେବା ଦେଖାଯାଏ । ସେହି ଦିବ୍ୟ ପ୍ରକାଶ ସାଧକର ସାମନା ଆଡ଼କୁ ଶଙ୍କୁ ଆକାରରେ ଏକ ପ୍ରକାଶମାନ ବିନ୍ଦୁ ଉପରେ କେନ୍ଦ୍ରିତ ହୋଇଥାଏ । ତାହାର ପ୍ରଭାବ କ୍ଷେତ୍ର ସାଧକର ସ୍ତର ଅନୁରୂପ କମ୍ ଅଥବା ଅଧିକ ହୋଇଥାଏ । ଏହି ପ୍ରକାଶ ବିନ୍ଦୁ ସଦଭାବ ଓ ସଦବିଚାର ସଂଚାରକ ହୋଇଥାଏ । ତାହାର ପ୍ରଭାବ କ୍ଷେତ୍ରରେ ଯଦି କୌଣସି ବ୍ୟକ୍ତି ଆସିଥାଏ ତ ସେହି ପ୍ରକାଶ ପୁଞ୍ଜ ବୁଲି ପଡି ସେହି ବ୍ୟକ୍ତିର ହୃଦୟ ଓ ମସ୍ତିଷ୍କକୁ ସ୍ପର୍ଶ କରିଥାଏ । ଯଦି ଗାୟତ୍ରୀ ମନ୍ତ୍ରର ଭାଷାନୁବାଦ କୌଣସି ଭାବରେ କରାଯାଏ ତ ତାହାର ଜପ ଦ୍ୱାରା ମଧ ଏହି ପ୍ରକାର ପ୍ରଭାବ ପରିଲକ୍ଷିତ ହୋଇଥାଏ । ସଂସ୍କୃତ ଭାଷାରେ ମୂଳମନ୍ତ୍ରର ପ୍ରଭାବରେ ସେହି ପ୍ରକାଶ ପୁଞ୍ଜ ଚାରିପାଖରେ ପ୍ରକାଶର କଳାତ୍ମକ ସଂରଚନା ବିଶେଷ ରୂପେ ଦେଖାଯାଏ ।

ଶ୍ରୀ ଲେଡିବିଟରଙ୍କ ଏହି ଅନୁଭୂତି ଭାରତୀୟ ଋଷି ମନୀଷୀଙ୍କ ଦ୍ୱାରା ବର୍ଣ୍ଣିତ ଗାୟତ୍ରୀ ମହାମନ୍ତ୍ରର ମହତ୍ତ୍ୱର ଅନୁରୂପ । ଏହି କଥାରୁ ସ୍ପଷ୍ଟ ହେଉଛି ଯେ ମନ୍ତ୍ରର ପ୍ରଭାବ ସାଧକର ଭାବନା ଅନୁସାରେ ହିଁ ପ୍ରକଟ ହୋଇଥାଏ । ଭାଷା ବଦଳିଲେ କୌଣସି ବିଶେଷ ଫରକ ପଡେ ନାହିଁ । ବିଶ୍ୱର ସମସ୍ତ



ଭାଷା ଓ ସମସ୍ତ ମତର ସାଧକ ଏହି ମନ୍ତ୍ରର ଲାଭ ସହଜରେ ନେଇ ପାରନ୍ତି । ଗାୟତ୍ରୀ ମନ୍ତ୍ରର ଭାବ ସାଧକର ହୃଦୟରେ ସମାହିତ ହୋଇଥାଏ ।

ଗାୟତ୍ରୀ ମନ୍ତ୍ର ତ୍ରିପଦା ଅର୍ଥାତ ତିନି ଚରଣ ବିଶିଷ୍ଟ- ତତ୍ସବିତୁର୍ବରେଣ୍ୟଂ, ଭର୍ଗୋଦେବସ୍ୟ ଧୀମହି, ଧିୟୋ ଯୋ ନଃ ପ୍ରଚୋଦୟାତ୍ । ଓଁ ଭୂର୍ଭୁବଃ ସ୍ୱଃ' କୁ ତାହାର ଶୀର୍ଷ କୁହାଯାଏ । ତାହାର ମୁଖ୍ୟ ଭାବ- ପରମାତ୍ମା ସର୍ବବ୍ୟାପୀ, ତାଙ୍କୁ ସମସ୍ତଙ୍କର ଜନ୍ମଦାତା, ରୂପେ ଅନୁଭବ କରାଯାଏ । ସେହି ସବିତା ହିଁ ଆମ ସମସ୍ତଙ୍କ ପାଇଁ ବରଣ ଯୋଗ୍ୟ । ତାଙ୍କ ଭର୍ଗକୁ ନିଜ ଭିତରେ ଧାରଣ କରିବା । ତାଙ୍କର ଭକ୍ତି କରିବା । ସେ ଆମକୁ ସନ୍ମାର୍ଗରେ ପ୍ରେରିତ କରିବେ । ତାଙ୍କରି ଇଚ୍ଛା କରିବା । ସେ ଆମକୁ ସନ୍ମାର୍ଗରେ ପ୍ରେରିତ କରିବେ । ତାଙ୍କର ଇଚ୍ଛା ଅନୁରୂପ ଆମ ସମସ୍ତଙ୍କର ଜୀବନ ଚାଲିବା ଉଚିତ ।

ସତ୍ୟ ତ ସତ୍ୟ ହୋଇଥାଏ । କୌଣସି ମାର୍ଗରେ ଶ୍ରଦ୍ଧାପୂର୍ବକ ଚାଲୁଥିବା ସାଧକ ଶେଷରେ ସତ୍ୟର ଅନୁଭୂତି କରିଥାଏ । ସାମ୍ପ୍ରଦାୟିକ ପୂର୍ବାଗ୍ରହ ଗୁଡିକରୁ ଉର୍ଦ୍ଧ୍ୱକୁ ଉଠି ବିବେକପୂର୍ବକ ଅଧ୍ୟୟନ କଲେ ଗାୟତ୍ରୀର ତତ୍ତ୍ୱଜ୍ଞାନ ଓ ତାହାର ସତପରିଣାମର ପ୍ରମାଣ ଅନ୍ୟ ଧର୍ମ ସମ୍ପ୍ରଦାୟ ଗୁଡିକରେ ବି ମିଳିଥାଏ । ଏପରିକି ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମରେ ମଧ ଗାୟତ୍ରୀର ତତ୍ତ୍ୱଜ୍ଞାନ ଉପରେ ଆଲୋକପାତ କରାଯିବାର ପ୍ରୟାସ କରାଯାଇଛି ।

ଖ୍ରୀଷ୍ଟିଆନ ମତର ସର୍ବମାନ୍ୟ ଗ୍ରନ୍ଥ ହେଉଛି ବାଇବେଲ । ଏଥିରେ ସବୁଠାରୁ ଶ୍ରେଷ୍ଠ ପ୍ରାର୍ଥନା ରୂପେ ଈଶ୍ୱରଙ୍କ ପ୍ରାର୍ଥନା (ପ୍ରେୟାର) କୁ ମାନ୍ୟତା ମିଳିଛି । ବାଇବେଲର ଅଧ୍ୟାୟ 'ମ୍ୟାଥ୍ୟୁ'ରେ ଏହି ପ୍ରାର୍ଥନା ଅଛି । ଓଡ଼ିଆରେ ତାହାର ପ୍ରାରମ୍ଭିକ ଚରଣ ଏହିପରି- ହେ ସ୍ୱର୍ଗରେ ବାସ କରୁଥିବା ଆମର ପିତା ! ଆପଣଙ୍କ ନାମକୁ ପ୍ରଶଂସା-ସମ୍ମାନିତ କରାଯାଉ । ସର୍ବତ୍ର ଆପଣଙ୍କର ସାମ୍ରାଜ୍ୟ ରହୁ । ଆପଣଙ୍କ ଇଚ୍ଛା ପୃଥିବୀ ଉପରେ ବି ସେହିପରି ଚାଲୁ, ଯେପରି ସ୍ୱର୍ଗରେ ଚାଲିଥାଏ ।

ଉକ୍ତ ଭାବ ଗାୟତ୍ରୀ ମନ୍ତ୍ରର ହିଁ ଅନୁରୂପ । ଈଶ୍ୱରଙ୍କୁ ପିତା, ଜନ୍ମଦାତା- ସବିତା ରୂପେ ସ୍ମରଣ କରାଯାଇଛି । ତାଙ୍କୁ ପ୍ରଶଂସନୀୟ ଶ୍ରେଷ୍ଠ (ବରେଣ୍ୟ) ମନେ କରାଯାଇଛି । ତାଙ୍କର ସାମ୍ରାଜ୍ୟ ତାଙ୍କ ତେଜ ପ୍ରତାପକୁ ଅଙ୍ଗୀକାର କରିବା ଭାବ (ଦିବ୍ୟ ଧର୍ମ ଧାରଣ କରିବା)ର ଦ୍ୟୋତକ । ନିଜର ଇଚ୍ଛାକୁ ଛାଡ଼ି ପ୍ରଭୁଙ୍କ ଇଚ୍ଛା ଅନୁସାରେ ବିଶ୍ୱ ବ୍ୟବସ୍ଥା ହେଉ, ଏହି ଚରଣ ଗାୟତ୍ରୀ ମନ୍ତ୍ରର 'ଧିୟୋ ଯୋ ନଃ ପ୍ରଚୋଦୟାତ୍' ପଦ ଅନୁସାରେ ହୋଇଛି । ଗାୟତ୍ରୀ ମନ୍ତ୍ର ଭଳି ଏଥିରେ ମଧ ପ୍ରାର୍ଥନା ବ୍ୟକ୍ତି ବିଶେଷ ଅର୍ଥାତ୍ କେବଳ ଜଣେ ବ୍ୟକ୍ତି ପାଇଁ ନୁହେଁ, ବରଂ ସମ୍ପୂର୍ଣ୍ଣ ସମଷ୍ଟି ପାଇଁ କରାଯାଇଛି ।

ଗାୟତ୍ରୀ ମନ୍ତ୍ରର ପ୍ରଭାବ ସମ୍ପର୍କରେ ଅଥର୍ବବେଦର ମନ୍ତ୍ର ହେଉଛି- ସ୍ତୁତାମୟା ବରଦା ବେଦମାତା ପ୍ରଚୋଦୟନ୍ତାଂ ପାବମାନୀ ଦ୍ୱିଜାନାମ୍ । ଆୟୁଃ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତିଂ ଦ୍ରବିଣଂ ବ୍ରହ୍ମବର୍ଚସମ୍ । ମହ୍ୟଂ ଦତ୍ତ୍ୱା ବ୍ରଜତ ବ୍ରହ୍ମଲୋକମ୍ । ଏହି ମନ୍ତ୍ରର ଭାବାର୍ଥ ହେଉଛି ବେଦମାତା ଗାୟତ୍ରୀ ଦିବ୍ୟ ପ୍ରେରଣା ଓ ପବିତ୍ରତା ପ୍ରଦାନକାରୀ । ସେ ସାଧକକୁ ଏହି ଲୋକରେ ଶ୍ରେଷ୍ଠ ଆୟୁ, ସମସ୍ତ ପ୍ରକାର ଲୌକିକ ସମ୍ପନ୍ନତା ତଥା ପବିତ୍ର ଯଶ ପ୍ରଦାନ କରନ୍ତି । ଆୟୁ ପୂର୍ଣ୍ଣ ହେବା ପରେ ସେ ବ୍ରହ୍ମଲୋକ ସଦ୍‌ଗତିର ମାର୍ଗ ପ୍ରଶସ୍ତ କରିଦିଅନ୍ତି ।

ଭାରତରେ ତ ସମସ୍ତ ଋଷି-ସାଧକଙ୍କ ଜୀବନରେ ଗାୟତ୍ରୀ ସାଧନାର ଉକ୍ତ ଲାଭ ମିଳିବାର ଅନେକ ପ୍ରମାଣ ମିଳିଥାଏ । ବାଇବେଲର ତୃତୀୟ ଅଧ୍ୟାୟରେ ମଧ ଏହିପରି ଏକ କଥା ମିଳେ । କଥାଟି ହେଲା- ଈଶ୍ୱର ରାଜା ସୋଲୋମନଙ୍କୁ ଅଦଭୁତ ବରଦାନ ଦେଲେ । ଈଶ୍ୱରଭକ୍ତ ରାଜା ଡେଭିଡ ନିଜର ଈଶ୍ୱର ପୁତ୍ର ସୋଲୋମନଙ୍କୁ ରାଜ୍ୟ ଅର୍ପଣ କରିଦେଲେ । ସୋଲୋମାନ ପବିତ୍ର ତୀର୍ଥକୁ ଯାଇ ପ୍ରଭୁଙ୍କ ନାମରେ ଆହୁତି (ବର୍ନ୍ଟ ଅଫରିଙ୍ଗସ୍) ଦେଲେ । ତାଙ୍କ ନିଷ୍ଠାରେ ପ୍ରଭୁ ପ୍ରସନ୍ନ ହେଲେ ଓ ପ୍ରକଟ ହୋଇ ଇଚ୍ଛିତ ବରଦାନ ମାଗିବାକୁ କହିଲେ ।

ସୋଲୋମନ କହିଲେ - 'ହେ ପ୍ରଭୁ ! ଆପଣ ନିଜର ସେବକ, ମୋର ପିତାଙ୍କ ଉପରେ ବିଶେଷ କୃପା କରିବାରୁ ସେ ହୃଦୟର ଶୁଦ୍ଧତା, ସତ୍ୟ ଓ ସଜନତାର ମାର୍ଗରେ ଚାଲିଲେ । ତାଙ୍କୁ ରାଜ୍ୟ ସମ୍ଭାଳିବା ଯୋଗ୍ୟ ଏକ ପୁତ୍ର (ମାତେ) ଦେଇ ଆପଣ ତାଙ୍କ ଉପରେ ବିଶେଷ କୃପା କରିଛନ୍ତି । ହେ ପ୍ରଭୁ !

ଆପଣ ମୋ ପିତାଙ୍କ ସ୍ଥାନରେ ମାତେ ରାଜା କରିଦେଲେ, କିନ୍ତୁ ମୁଁ ତ ଏକ ଅବାଧ ବାଳକ ପରି, ଯିଏ ସାମାନ୍ୟ ବ୍ୟବହାର ବି ଜାଣେ ନାହିଁ । ଆପଣଙ୍କର ଏଇ ସେବକ ଆପଣଙ୍କ ଦ୍ୱାରା ଚୟନିତ ଅଗଣିତ ମହାନ ବ୍ୟକ୍ତିଙ୍କ ମଧ୍ୟରେ ରହୁଛି । ତେଣୁକରି ହେ ପ୍ରଭୁ ! ଆପଣ ମାତେ ଏକ ସମ୍ବେଦନଶୀଳ (ସଦ୍‌ଭାବନା ଯୁକ୍ତ) ହୃଦୟ ଦିଅନ୍ତୁ, ଯଦ୍ୱାରା ମୁଁ ଲୋକଙ୍କ ଭାବନାକୁ ବୁଝି ପାରିବି । ତା ସହିତ ମୋତେ ଭଲ-ମନ୍ଦ ଭିତରେ ପାର୍ଥକ୍ୟ କରିବାର ସମର୍ଥ ସଦ୍‌ବିବେକ ବି ପ୍ରଦାନ କରନ୍ତୁ, ଫଳରେ ମୁଁ ଆପଣଙ୍କ ଦ୍ୱାରା ଚୟନିତ ମହାନ ବ୍ୟକ୍ତିମାନଙ୍କ ସହିତ ନ୍ୟାୟ କରି ପାରିବି ।

ଏହିପରି ଶ୍ରେଷ୍ଠ ଆଶୀର୍ବାଦ ମାଗିବା କାରଣରୁ ପ୍ରଭୁ ସୋଲୋମନଙ୍କ ଉପରେ ପ୍ରସନ୍ନ ହେଲେ । ପ୍ରଭୁ କହିଲେ - 'ତୁମେ ନିଜ ପାଇଁ ଦୀର୍ଘ ଜୀବନ ଓ ଧନଦୌଲତ ମାଗି ନାହିଁ ଏବଂ ନିଜର ଶତ୍ରୁମାନଙ୍କ ଅହିତ କାମନା କରି ନାହିଁ, ବରଂ ତୁମେ ନିଜ ପାଇଁ ବୁଦ୍ଧିମତ୍ତା, ବିଚାରଶୀଳତା ଓ ନ୍ୟାୟ କରିବାର କ୍ଷମତା ମାଗିଛ, ସେଥିପାଇଁ ମୁଁ ପ୍ରସନ୍ନ ଅଟେ । ଶୁଣ ! ମୁଁ ତୁମର କହିବାନୁସାର ତୁମକୁ ସଦ୍‌ବିବେକ ଓ ସମ୍ବେଦନଶୀଳତା ତ ପ୍ରଦାନ କରୁଛି, ଏହା ସହିତ ଯାହା ତୁମେ ମାଗି ନାହିଁ, ସେହି ଦୁଇ ଲୋକର ସମ୍ପତ୍ତି ଓ ସମ୍ମାନ ବି ତୁମକୁ ଦେଉଛି । ଯଦି ତୁମେ ନିଜର ପିତା ଡେଭିଡଙ୍କ ପରି ମୋ ରାସ୍ତାରେ ଅଗ୍ରସର ହେବ, ମୋ ରାସ୍ତା ଅନୁସାରେ ଚାଲିବ ଓ ମୋ ନିର୍ଦ୍ଦେଶଗୁଡ଼ିକ ପାଳନ କରିବ ତ ମୁଁ ତୁମର ଆୟୁ ମଧ ବଢ଼ାଇ ଦେବି । କଥାରୁ ସ୍ପଷ୍ଟ ହେଉଛି ଯେ ବିଶ୍ୱ ସୃଜେତା ପ୍ରଭୁ (ପରମପିତା ବା ଆଦ୍ୟଶକ୍ତି)ଙ୍କ ବିଶେଷ ଅନୁଗ୍ରହ ସଦ୍‌ଭାବନା ଓ ସଦ୍ ବିବେକ ପ୍ରାପ୍ତ ଲୋକହିତର କାମନାକାରୀଙ୍କୁ ମିଳିଥାଏ । ତାକୁ ସେ ନ ମାଗିଲେ ବି ଦୁଇ ଲୋକ ( ପୃଥିବୀ ଓ ସ୍ୱର୍ଗ)ର ଶ୍ରେଷ୍ଠ ବିଭୂତିଗୁଡ଼ିକ ପ୍ରସନ୍ନତା ପୂର୍ବକ ପ୍ରଦାନ କରନ୍ତି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ବସଷ୍ଟପରେ ଯୁବକ ଯୁବତୀଙ୍କୁ - ବହୁତ ବଢ଼ିଆ ଲିପଷ୍ଟିକ୍ ଲଗେଇଛ ।
ଯୁବତୀ : ଥ୍ୟାଙ୍କସ୍ ।
ଯୁବକ : ଇୟରିଂ ବି ବହୁତ ଭଲ ହୋଇଛି ।
ଯୁବତୀ : ଥ୍ୟାଙ୍କସ୍ ।
ଯୁବକ : ନେକଲେସ୍ ଓ ହେୟାରଷ୍ଟାଇଲ୍ ବି ବହୁତ ଭଲ ଲାଗୁଛି ।
ଯୁବତୀ : ଥ୍ୟାଙ୍କସ୍ ଭାଇ କେତେ ଆଉ ପ୍ରଶଂସା କରିବ ।
ଯୁବକ : ତଥାପି ତମେ କାହିଁକି ଚୁଡେଲ୍ ଭଳି ଦେଖାଯାଉଛ ବୁଝିପାରୁନି ।

× × × ×

ମଣ୍ଟୁ ଏକ ୫ ଟଙ୍କିଆ କଏନ୍ ଦେଖୁଥାଏ ।
ରାଜୁ : ଏ କଏନକୁ ଏମିତି ମନ ଲଗେଇ କ'ଣ ଦେଖୁଛୁ ? ଏଥିରେ କ'ଣ ଅଛି ।
ମଣ୍ଟୁ : ଏଥିରେ ଏକ ଦୁଃଖଭରା କାହାଣୀ ଅଛି । ଆଜି ମୁଁ ଏକ ଲାଲ ଗୋଲାପ ଖୁବ୍ ସାହସର ସହ ନେଇ ମୋ ପ୍ରେମିକା ଘରକୁ ଯାଇଥିଲି ତାକୁ ଦେଇ ପଚାରିବାକୁ କି, ତୁମେ ମତେ ତୁମ ହୃଦୟ ଦେବ କି ?
ରାଜୁ : ଓଃ, ତା' ପରେ କ'ଣ ହେଲା ?
ମଣ୍ଟୁ : ବେଲ୍ ମାରିବାରୁ ତା' ମା କବାଟ ଖୋଲିଲେ । ଆଉ ଏଇ ଗୋଲାପକୁ ତାଙ୍କୁ ଦେଇ ମୁଁ କହିଲି 'ମାଉସୀ ଏ ଗୋଲାପ ୫ ଟଙ୍କାରେ ନେବେ କି ?



× × ×

ପପୁ ଗୋପାଳକୁ : ତୁ ଏ ନୂଆ ମୋବାଇଲ୍ କେବେ କିଣିଲୁ ?
ଗୋପାଳ : କିଣିନି । ଉଠେଇକି ନେଇ ଆସିଛି ।
ପପୁ : ମାନେ ?
ଗୋପାଳ : ମୋ ଗର୍ଲଫ୍ରେଣ୍ଡ ମତେ ସବୁବେଳେ କହେ ତମେ କେବେ ବି ମୋ ଫୋନ ଉଠଉନ । ଆଜି ମତେ ମଉକା ମିଳିଲା । ଆଉ ମୁଁ ତା' ଫୋନ ଚୁପ୍ କିନା ଉଠେଇକି ନେଇ ଆସିଲି ।

× × × ×

ଭିକାରି ବ୍ୟକ୍ତିଙ୍କୁ - ଆଜ୍ଞା, ୨୦ ଟଙ୍କା ଦିଅନ୍ତୁ ନା କଫି ପିଇବି ।
ବ୍ୟକ୍ତି : କଫି ତ ୧୦ ଟଙ୍କାରେ ମିଳୁଛି ।
ଭିକାରି : ମୋ ଗର୍ଲଫ୍ରେଣ୍ଡ ବି ସାଙ୍ଗରେ ଅଛି ନା ।
ବ୍ୟକ୍ତି : କ'ଣ ? ଭିକାରି ହେଇ ଗର୍ଲଫ୍ରେଣ୍ଡ ରଖୁଛୁ ।
ଭିକାରି : ନାଇଁ, ଆଜ୍ଞା, ଗର୍ଲଫ୍ରେଣ୍ଡ ମତେ ଭିକାରି ବନେଇ ଦେଇଛି ।

ଶ୍ରୀକ୍ଷେତ୍ର

ବର୍ଷ ୨୭, ସଂଖ୍ୟା-୩, ୧୭ - ୨୨ ଜାନୁଆରୀ ୨୦୨୨

# ମଧବିତ୍ତଙ୍କ ଦୁର୍ଦ୍ଦଶା


ସାରା ପୃଥିବୀରେ ମଧବିତ୍ତ ସମାଜ ସବୁଯୁଗରେ ଅବହେଳିତ । ସାଧାରଣତଃ ଏମାନଙ୍କ ମଧ୍ୟରେ ଅଛନ୍ତି ଅସଂଖ୍ୟ ବୁଦ୍ଧିଜୀବୀ । ଏମାନେ ଚିନ୍ତାଶୀଳ, ସାଂସ୍କୃତିକ ଚେତନା ସମ୍ପନ୍ନ ଏବଂ ସ୍ୱାଭିମାନୀ । ଏମାନଙ୍କ ପରମ୍ପରା ଏମାନଙ୍କୁ ନିଃସ୍ୱାର୍ଥପର ଏବଂ ସ୍ୱାବଲମ୍ବୀ କରାଇଥାଏ । ଏଇମାନଙ୍କ କ୍ଷୁରଧାର ବୁଦ୍ଧିରେ ବିଭିନ୍ନ ଅନୁଷ୍ଠାନ ସୁଚାରୁରୂପେ ଚାଲିଥାଏ । ପୁଞ୍ଜିବାଦୀ ଗୋଷ୍ଠୀ ଏମାନଙ୍କୁ ମୋଟା ବେତନ ଦେଇ ସେମାନଙ୍କର ସାହାଯ୍ୟରେ ଦେଶର ଶାସନ କାର୍ଯ୍ୟ ସୁଚାରୁରୂପେ ଚଳାଇ ପାରୁଥିଲେ ।

ମଧବିତ୍ତ ଗୋଷ୍ଠୀ ମଧ୍ୟରେ ବୈଜ୍ଞାନିକ, ଦାର୍ଶନିକ, ଧର୍ମପ୍ରଚାରକ, ଜନନାୟକମାନେ ଜନ୍ମ ନେଇଛନ୍ତି । ପ୍ରତ୍ୟେକ ଯୁଗରେ ଏଇମାନଙ୍କ ନିସ୍ୱାର୍ଥପର ସେବା ଓ ତ୍ୟାଗ ଫଳରେ ସଭ୍ୟତାର ଆଲୋକରେ ପୃଥିବୀ ଉଦଭାସିତ ହୋଇଛି । ପୃଥିବୀରେ ଅତୀତରେ ଘଟିଥିବା ବଡ଼ବଡ଼ ବିପ୍ଳବ ଏଇମାନଙ୍କ ବୁଦ୍ଧିରେ ସଫଳ ହୋଇଛି । ଖଟିଖିଆ ମେହେନତି ଦଳିତ ନିଷ୍ପେସିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ମଧବିତ୍ତ ସମାଜରୁ ଆସିଥିବା ଜନନେତାମାନେ ହିଁ ଏ ଦିଗରେ ବାଟ ଦେଖାଇଛନ୍ତି । ସାରା ପୃଥିବୀ ରାଜତନ୍ତ୍ର ଦ୍ୱାରା ଯେତେବେଳେ ନିଷ୍ପେସିତ ହେଉଥିଲା ଏଇମାନଙ୍କ ଚେଷ୍ଟାରେ ରାଜତନ୍ତ୍ରର ବିଲୋପ ଘଟିଛି ।

ଦେଶ ଓ ଜାତି ଗଢ଼ିବାରେ ମଧବିତ୍ତମାନଙ୍କର ଭୂମିକା ସର୍ବାଧିକ କିନ୍ତୁ ଏମାନଙ୍କୁ ଦେଶ ସମ୍ମାନ ଦେଉଥିବା ସତ୍ତ୍ୱେ ଆର୍ଥିକ ଦୃଷ୍ଟିରୁ ଏମାନେ ତଳେ ଥାଆନ୍ତି । ଆଜି ଭାରତରେ ମଧବିତ୍ତ ଗୋଷ୍ଠୀ ସବୁଠାରୁ ଅସହାୟ । ଦରିଦ୍ରମାନଙ୍କ ପାଇଁ ଦିଆଯାଉଥିବା ରେସନ ସୁବିଧା, ଚାକିରୀ ସୁବିଧା ବା ସ୍ୱାସ୍ଥ୍ୟ ସୁବିଧା ପ୍ରଭୃତି ମଧବିତ୍ତମାନେ ପାଇପାରୁ ନାହାନ୍ତି । ସ୍ୱାଧୀନତା ପରେ ଭାରତରେ ମଧବିତ୍ତ ବୁଦ୍ଧିଜୀବୀ ଗୋଷ୍ଠୀ ନିଜର ଯୋଗ୍ୟତା ବଳରେ ସରକାରୀ ଚାକିରୀରେ ରହିଥିଲେ ଏବଂ ନିଜର କୌଳିକ କୃଷି ବା ବ୍ୟବସାୟ ବା ଅନ୍ୟକିଛିରୁ ଯେଉଁ ଆୟ କରୁଥିଲେ, ସେଥିରେ ସେମାନଙ୍କ ପରିବାର ଚଳିଯାଉଥିଲା କିନ୍ତୁ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଏହି ମଧବିତ୍ତ ବୁଦ୍ଧିଜୀବୀ ଗୋଷ୍ଠୀ ଦାରିଦ୍ର୍ୟର ଶିକାର ହୋଇଛନ୍ତି ।

ଅନୁସୂଚିତ ଜାତି ଏବଂ ଆଦିବାସୀ ଶ୍ରେଣୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଦୀର୍ଘକାଳ ଧରି ଚାଲୁରହିଥିବା ଫଳରେ ମଧବିତ୍ତ ଉଚ୍ଚଜାତିର ପିଲାମାନେ ମେଧାବୀ ଓ ପାରଙ୍ଗମ ହେଲେ ମଧ୍ୟ ଚାକିରିରେ ପଶିପାରୁ ନାହାନ୍ତି ଏବଂ ସେମାନଙ୍କର ଆର୍ଥିକ ବ୍ୟବସ୍ଥା ଶୋଚନୀୟ ହେଉଛି । ସଂରକ୍ଷଣକୁ ନିର୍ବାଚନ ଜିତିବାର ଏକ ସିଡି ବିବେଚନା କରୁଥିବା ଯୋଗୁଁ କୌଣସି ରାଜନୈତିକ ଦଳ ସଂରକ୍ଷଣ ବିରୁଦ୍ଧରେ ଯାଇ ପାରୁ ନାହାନ୍ତି । ସବୁ କ୍ଷେତ୍ରରେ ସବସିଡି ଦେବା ପାଇଁ ରାଜନୈତିକ ଦଳମାନଙ୍କ ମଧ୍ୟରେ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ଗଣତାନ୍ତ୍ରିକ ବ୍ୟବସ୍ଥାକୁ କ୍ରମେ ସୁବିଧାବାଦ ଆଡକୁ ନେଇଯାଉଛି । ଏହା ଫଳରେ ଜିଏସଟି ଭଳି କର ବୃଦ୍ଧି କରିବାକୁ ସରକାର ବାଧ ହେଉଛନ୍ତି । ଫଳରେ ଦେଶ ମୁଦ୍ରାସ୍ଫୀତିର ସମ୍ମୁଖୀନ ହେଉଛି । ମଧବିତ୍ତମାନେ ଏ ପରିସ୍ଥିତିରେ ସବୁଠାରୁ ଅଧିକ ଦୁର୍ଦ୍ଦଶାଗ୍ରସ୍ତ ହେଉଛନ୍ତି । ଏମାନଙ୍କ ପାରମ୍ପରିକ ଖର୍ଚ୍ଚ ଅଧିକ ଥିବାରୁ ଏବଂ ପ୍ରାଚୀନ ଐତିହ୍ୟ ପ୍ରତି ଏମାନଙ୍କ ଶ୍ରଦ୍ଧା ଥିବାରୁ ଏମାନେ ଅଭାବର ସମ୍ମୁଖୀନ ହେଉଛନ୍ତି । ଭାରତରେ ଥିବା ବଜାରମାନଙ୍କର ମୁଖ୍ୟ ଗ୍ରାହକ ଏଇ ମଧବିତ୍ତ ଗୋଷ୍ଠୀ । ସମାଜବିତମାନେ ଆଶଙ୍କା ପ୍ରକାଶ କରୁଛନ୍ତି ଆଗାମୀ ଭବିଷ୍ୟତରେ ମଧବିତ୍ତ ନାମକ ଏକ ଗୋଷ୍ଠୀ ଭାରତରେ ରହିବେ ନାହିଁ । ଧନୀ ଓ ଦରିଦ୍ର ଏଇ ଦୁଇ ଗୋଷ୍ଠୀ ହିଁ ରହିବେ । ସୁବିଧାବାଦକୁ ପ୍ରଶ୍ରୟ ଦେଲେ ଗଣତନ୍ତ୍ର ଦୁର୍ବଳ ହୁଏ । ଏଣୁ କିଏ ଜାଣେ ଭାରତ ହୁଏତ ଏକ ଗଣତାନ୍ତ୍ରିକ ସାମ୍ୟବାଦକୁ ଆପଣାଇ ପାରେ ।

ଦରିଦ୍ରମାନଙ୍କୁ ସବସିଡି ଲଲିପପ ଧରାଇ କୌଣସି ସରକାର ଗଣତନ୍ତ୍ରକୁ କେବେ ମଜଭୁତ କରିପାରିବ ନାହିଁ, ଏହା ରାଜନୈତିକ ଦଳମାନେ ଭଲଭାବରେ ଜାଣନ୍ତି । ତଥାପି ସବସିଡିରେ ସବୁକିଛି ବାଣ୍ଟିବା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି । ବେଳଥାଉ ଥାଉ ରାଜନୈତିକ ଦଳମାନେ ଏ ଦିଗରେ ସାବଧାନ ନ ହେଲେ ଗଣତନ୍ତ୍ର ମୂଳରେ କୁଠାରଘାତ ଭଳି ହେବ । ଗଣତନ୍ତ୍ର ଦୁର୍ବଳ ହେଲେ ଦେଶର ସ୍ୱାଧୀନତା ବିପନ୍ନ ହେବ ।



# ସ୍ୱଦେଶୀ- ଭାବନା

### ମହାତ୍ମା ଗାନ୍ଧୀ

ଆମେ ସ୍ୱଦେଶୀକୁ ଆମ ଭିତରେ ଥିବା ସେହି ଭାବନାଟି ବୋଲି କହିବା, ଯାହାକି ଅଧିକ ଦୂରରେ ରହିଥିବା ପାରିପାର୍ଶ୍ୱିଟିର ଭିତରକୁ ନ ଯାଇ ଆମ ହାତ ଚାରିପାଖରେ ଥିବା ପାରିପାର୍ଶ୍ୱରେ ବିନିଯୋଗ ଏବଂ ସେବା ମଧ୍ୟରେ ଆମକୁ ସୀମାବଦ୍ଧ କରି ରଖିଥାଏ । ଏହିପରି ଭାବରେ, ଧର୍ମ କ୍ଷେତ୍ରରେ, ସେହି ସଂଜ୍ଞାଟିର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଲାଗି ମୋତେ ନିଜକୁ ମୋ'ର ପୂର୍ବପୁରୁଷମାନଙ୍କର ଧର୍ମ ଭିତରେ ସୀମାବଦ୍ଧ କରି ରଖିବାକୁ ପଡ଼େ । ଅର୍ଥାତ୍, ମୋ ହାତ ଚାରିପାଖରେ ରହିଥିବା ଧାର୍ମିକ ପାରିପାର୍ଶ୍ୱିକୁ ହିଁ ମୋତେ ବ୍ୟବହାର କରିବାକୁ ହୋଇଥାଏ । ଯଦି ମୁଁ ସେଥିରେ କୌଣସି ଅଭାବ ରହିଥିବାର ଦେଖେ, ତେବେ ସେହି ଅଭାବଟିରୁ ତାହାକୁ ମୁକ୍ତ କରି ହିଁ ସେହି ଧର୍ମର ସେବା କରିବା ମୋ'ର କର୍ତ୍ତବ୍ୟ ହୋଇ ରହେ ।

ରାଜନୀତି କ୍ଷେତ୍ରରେ, ମୋତେ ଦେଶୀୟ ଅନୁଷ୍ଠାନଗୁଡ଼ିକୁ କାମରେ ଲଗାଇବାକୁ ହୁଏ ଓ ସେଥିରେ ଥିବା ପ୍ରମାଣିତ ଅଭାବଗୁଡ଼ିକରୁ ତାହାକୁ ଆରୋଗ୍ୟ କରିଆଣି ମୋତେ ତାହାର ସେବା କରିବାକୁ ପଡ଼େ । ଅର୍ଥନୀତି କ୍ଷେତ୍ରରେ, କେବଳ ମୋ'ର ନିକଟତମ ପ୍ରତିବେଶୀମାନେ ତିଆରି କରୁଥିବା ଦ୍ରବ୍ୟଗୁଡ଼ିକୁ ମୋତେ ବ୍ୟବହାର କରିବାକୁ ଏବଂ ଯଦି ଉଦ୍ୟୋଗଗୁଡ଼ିକ ଫଳପ୍ରସୂ ଓ ସମ୍ପୂର୍ଣ୍ଣ ନ ହୋଇଥାନ୍ତି, ତେବେ ସେଗୁଡ଼ିକୁ ଫଳପ୍ରସୂ ଓ ସମ୍ପୂର୍ଣ୍ଣ କରି ମୋତେ ସେଗୁଡ଼ିକର ସେବା କରିବାକୁ ପଡ଼େ । ଏପରି ପ୍ରସ୍ତାବିତ ହୋଇଥାଏ ଯେ, ଏଗୁଡ଼ିକୁ ପ୍ରକୃତରେ ବାସ୍ତବରେ ପରିଣତ କରିପାରିଲେ ତାହା ଏକ ଆଦର୍ଶ ବ୍ୟବସ୍ଥାକୁ ଅବଶ୍ୟ ସମ୍ଭବ କରି ଆଣିବ ।

ହିନ୍ଦୁଧର୍ମ ଏକ ସଂରକ୍ଷଣଶୀଳ ଧର୍ମରେ ପରିଣତ ହୋଇଯାଇଛି ଏବଂ ତେଣୁ ତା' ମଧ୍ୟରେ ଯେଉଁ ସ୍ୱଦେଶୀ ଭାବନାଟି ପ୍ରଚ୍ଛନ୍ନ ହୋଇ ରହିଛି ତାହା ଫଳରେ ତାହା ଏକ ବଳଶାଳୀ ଶକ୍ତି ହୋଇ ପାରିଛି । ଏହା ହେଉଛି ସବୁଠାରୁ ଅଧିକ ସହନଶୀଳ, କାରଣ ତାହା ଆଉ କାହାକୁ ନିଜ ମଧ୍ୟକୁ ଦୀକ୍ଷିତ କରି ଆଣିବାରେ ଆଦୌ ବିଶ୍ୱାସ କରେ ନାହିଁ ଏବଂ ଅତୀତରେ ଯେପରି ହୋଇଛି, ଏବେ ମଧ୍ୟ ତାହାର ଆପଣାକୁ ସମ୍ପ୍ରସାରିତ କରି ପାରିବାର ସମର୍ଥତା ରହିଛି । ଯେପରି ଭୁଲଭାବରେ ବିଚାର କରାଯାଇଛି ବୋଲି ମୋ'ର ମତ, ବୌଦ୍ଧଧର୍ମକୁ ବିତାଡ଼ିତ କରିବାରେ ନୁହଁ, ତାହାକୁ ନିଜ ଭିତରକୁ ଗ୍ରହଣ କରିନେବାରେ ହିଁ ତାହା ସଫଳତା ଅର୍ଜନ କରିଛି । ସ୍ୱଦେଶୀ ଭାବନା କାରଣରୁ ହିଁ ଜଣେ ନିଜ ଧର୍ମଟିକୁ ବଦଳାଇବାରେ ଆଦୌ ସମ୍ମତ ହୁଏ ନାହିଁ । ନିଜ ଧର୍ମକୁ ସିଏ ସବୁ ଧର୍ମଠାରୁ ଅଧିକ ଭଲ ବୋଲି ବିଚାର କରୁଥିବାରୁ ହିଁ ସେ ତାହା କରିଥାଏ । ହିନ୍ଦୁଧର୍ମ ବିଷୟରେ ମୁଁ ଯାହାସବୁ କହିଲି, ମୋ'ର ମନେ ହୁଏ, ପୃଥିବୀର ସବୁଯାକ ବୃହତ୍ ଧର୍ମ ବିଷୟରେ ମଧ୍ୟ ସେହି କଥା କୁହାଯିବ । ଅବଶ୍ୟ, ହିନ୍ଦୁଧର୍ମ କ୍ଷେତ୍ରରେ ତାହା ବିଶେଷ ଭାବରେ ସେହିପରି ବୋଲି ମତ ପ୍ରକାଶ ପାଇଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରେ ମୂଳା

ବ୍ୟସ୍ତବହୁଳ ଜୀବନ ଶୈଳୀ ତଥା ଖାଦ୍ୟ ପାନୀୟରେ ଅନିୟମିତତା କାରଣରୁ ଆଜିକାଲି ହାଇପର ଟେନସନ ବା ଉଚ୍ଚରକ୍ତଚାପ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି ଅଧିକାଂଶ ବ୍ୟକ୍ତି । ଗରିବଙ୍କ ଠାରୁ ଧନୀ ପର୍ଯ୍ୟନ୍ତ ଏହି ରୋଗରେ ବିଶେଷ ଭାବେ କବଳିତ ହେଉଥିବା ଦେଖିବାକୁ ମିଳୁଛି । ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ଲାଗି ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ । ଏଥିସହ ଘରୋଇ ଉପଚାର ରୂପେ ମୂଳା ବ୍ୟବହାର ଜରୁରୀ । ଏହା ରକ୍ତଚାପ ସହିତ ଅନ୍ୟ ରୋଗରୁ ମୁକ୍ତି ଦେଇଥାଏ ।

ମୂଳା ପାଟିକୁ ସୁଆଦ ଲାଗୁ ନ ଥିଲେ ହେଁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ନିୟମିତ ରୂପରେ ମୂଳାର ଜୁସ ପ୍ରସ୍ତୁତ



କରି ଦିନକୁ ଅତି ବେଶିରେ ଅଧା କପ୍ ସେବନ କରନ୍ତୁ । ଏହାର ରସ ରକ୍ତପ୍ରବାହକୁ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ । ଏଥି ସହିତ ରକ୍ତକୁ ପ୍ୟୁରିଫିକେଶନ ମଧ୍ୟ କରିଥାଏ । ଉଚ୍ଚରକ୍ତ ଚାପ ସମସ୍ୟାରୁ ମୁକ୍ତି ପାଇବା ଲାଗି ପ୍ରତିଦିନ ଦ୍ୱିପହରରେ ମୂଳା ଜୁସ୍ ସେବନ କରନ୍ତୁ ।

ମୂଳା ରସ ପିଇବା ଦ୍ୱାରା କେବଳ ରକ୍ତଚାପରୁ ମୁକ୍ତି ମିଳିଥାଏ ତାହା ନୁହେଁ, ଏହା କାଶ ପାଇଁ ମଧ୍ୟ ଖୁବ୍ ଲାଭଦାୟକ । ଏଥିପାଇଁ ମୂଳାକୁ କାଟି ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ଏହାର ପାଉଡର ପ୍ରସ୍ତୁତ କରି ପ୍ରତିଦିନ ୧ ଗ୍ରାମ ମାତ୍ରାରେ ସେବନ କରନ୍ତୁ । ଏସିଡିଟି ସମସ୍ୟା ରହିଥିଲେ ମୂଳା ଖାଇବା ଖୁବ୍ ଲାଭଦାୟକ । ଏଥିପାଇଁ କଅଁଳିଆ ମୂଳାର ଚୋପା ଛଡାଇ ଚୋବାଇ ଖାଆନ୍ତୁ ।

ପଥୁରି ବା ଷ୍ଟୋନ ସମସ୍ୟା ଲାଗି ମୂଳା ଖାଇବା ଖୁବ୍ ଫଳପ୍ରଦ । ଏଥିପାଇଁ ଦିନକୁ ୧୦୦ ଗ୍ରାମ ମୂଳା ପତ୍ରର ରସ ବାହାର କରି ଏହାକୁ ଦିନକୁତିନି ଥର ସେବନ କରିବା ଫଳରେ ପଥୁରୀ ସମସ୍ୟା ଦୂର ହୋଇଥାଏ । ରକ୍ତ ଅଭାବ ଜନିତ ରୋଗକୁ ଦୂର କରିବା ଲାଗି ମୂଳା ପତ୍ରର ରସକୁ ୩ ଥର ସେବନ କରନ୍ତୁ । ଏହାଦ୍ୱାରା ରକ୍ତ ବୃଦ୍ଧି ହେବ ।

# ମଧୁମେହର ମହୌଷଧି ତେଜପତ୍ର

ଅନେକଙ୍କର ଧାରଣା, ତେଜପତ୍ର କେବଳ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହୃତ ହୁଏ । କିନ୍ତୁ ପ୍ରକୃତ କଥା ହେଉଛି, ତେଜପତ୍ରରେ ଔଷଧୀୟ ଗୁଣ ଭରପୁର ହୋଇ ରହିଛି । ଏଥିରେ



ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, କପର୍, ପଟାସିୟମ୍, କ୍ୟାଲସିୟମ୍, ସେଲୋନିୟମ ଓ ଆଇରନ୍ ଭରପୂର ରହିଛି । ଏ ସମସ୍ତ ଭିଟାମିନ୍, ପ୍ରୋଟିନ୍ ମଣିଷ ଶରୀରକୁ ସୁଚାରୁରୂପେ ସଞ୍ଚାଳନ ନିମନ୍ତେ ଜରୁରୀ । କିନ୍ତୁ ସବୁଠାରୁ ବଡ଼ କଥା, ଏହି ତେଜପତ୍ରରେ ଥିବା ଭିଟାମିନ୍ ପ୍ରୋଟିନ୍ ମଧୁମେହ ଭଳି ଦୁରାରୋଗ୍ୟ ରୋଗକୁ ଭଲ କରିବାରେ ରାମବାଣ ପରି କାମ କରିଥାଏ । ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ହେଉ ବା ବଂଶାନୁକ୍ରମିକ, ମଧୁମେହର ଶିକାର ହୋଇଥାଉ । ଯଦ୍ୱାରା ଅନେକ ଯନ୍ତ୍ରଣା ଭୋଗିବାକୁ ପଡେ । କିନ୍ତୁ ଏଥିରୁ ରକ୍ଷା ପାଇବାକୁ ତେଜପତ୍ରର ଉପଯୋଗ ଦ୍ୱାରା ମଧୁମେହକୁ ନିୟନ୍ତ୍ରଣରେ ରଖିହେବ । ପ୍ରତିଦିନ ସକାଳେ ଅବା ସନ୍ଧ୍ୟାରେ ଉଷୁମ ପାଣିରେ ତେଜପତ୍ର ପକାଇ ପିଇଲେ ସୁଫଳ ମିଳିଥାଏ । କେବଳ ସେତିକି ନୁହେଁ ଅନିୟମିତ ଓ ଦୂଷିତ ଖାଦ୍ୟପେୟ ଯୋଗୁଁ ହେଉଥିବା ପେଟର ପଥରି ରୋଗକୁ ମଧ୍ୟ ତେଜପତ୍ର ଦ୍ୱାରା ଭଲ କରିହେବ ।

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍

**ସ୍ୱାସ୍ଥ୍ୟ** ପାଇଁ ବେଶ୍ ଲାଭଦାୟକ ବିଟ୍ । ଏଥିରେ ଯଥେଷ୍ଟ କାର୍ବୋହାଇଡ୍ରେଟ୍ ଥିବାବେଳେ ପ୍ରୋଟିନ୍ କମ୍ ମାତ୍ରାରେ ଥାଏ । ପନିପରିବାର ଜୁସ୍ ମଧ୍ୟରେ ଏହାର ଜୁସ୍ ବେଶ ସ୍ୱାଦଯୁକ୍ତ । ଏହା ପ୍ରାକୃତିକ ଶର୍କରାରେ ଭରପୂର । ଏଥିରେ ସୋଡିୟମ୍, ପୋଟାସିୟମ୍, ଫସ୍ଫରସ୍, କ୍ୟାଲସିୟମ୍, ସଲଫର୍, କ୍ଲୋରିନ୍, ଆୟୋଡିନ୍, ଆଇରନ, ଭିଟାମିନ୍ - ବି ୧, ବି ୨, ଭିଟାମିନ୍ ସି’ ମଧ ଉପଲବ୍ଧ । ଏଥିରେ କ୍ୟାଲୋରି ଖୁବ୍ କମ୍ ରହିଛି । ଏହାର ଜୁସ୍ ଅନେକ ରୋଗର ଉପଚାର କରିଥାଏ । ସାଲାଡ୍ କରି ଖାଇବା ଦ୍ୱାରା ମଧ ଲାଭ ମିଳିଥାଏ ।

ରକ୍ତ ଶର୍କରାର ସ୍ତରକୁ ହ୍ରାସ କରିଥାଏ ବିଟ୍ । ଏଥିରେ ରହିଛି ନାଇଟ୍ରେଟ୍ସ । ଏହାକୁ ଖାଇବା ଦ୍ୱାରା ଏହା ଆଉ ଏକ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୋଇଯାଏ । ଏହି ଦୁଇ ତତ୍ତ୍ୱ ଧମନୀକୁ ପ୍ରସାରିତ କରିବା ସହ ରକ୍ତଚାପକୁ କମ୍ କରିବାରେ ସହାୟକ ହୋଇଥାଏ । ଗବେଷକଙ୍କ ମତରେ ଦୈନିକ ବିଟ୍ ଖାଇବା ଦ୍ୱାରା ଛ’ ଘଣ୍ଟାରେ ବ୍ୟକ୍ତିର ରକ୍ତଚାପ ହ୍ରାସ ପାଏ ।

ଏହା ଖରାପ କୋଲେଷ୍ଟରଲକୁ ହ୍ରାସ କରିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର୍, ଫ୍ଲେବୋନଏଡସ ଏବଂ ବିଟାସା ଏନିନ୍ ଉପଲବ୍ଧ । ଏହାକୁ ମଧ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ । ବିଟ୍ ହୃଦରୋଗର ସମ୍ଭାବନାକୁ ହ୍ରାସ କରେ ।

ବିଟରେ ଫୋଲିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି । ଗର୍ଭବତୀ ମହିଳା ଏବଂ ତା’ର ଗର୍ଭସ୍ଥ ଶିଶୁ ପ୍ରତି ଏହି ପୋଷକ ତତ୍ତ୍ୱର ଅନେକ ଆବଶ୍ୟକତା ରହିଛି । ଗର୍ଭବତୀ ମହିଳାଙ୍କ ଆନ୍ତଃଶକ୍ତିର ବିକାଶ ଏବଂ ଗର୍ଭସ୍ଥ ଶିଶୁର ମେରୁଦଣ୍ଡ ତିଆରିରେ ଏହା ସହାୟକ କରିଥାଏ ।

ଏଥିରେ ଥିବା ମିନେରାଲ ‘ସିଲିକା’ କ୍ୟାଲସିୟମ୍‌କୁ ଶରୀର ଉପଯୋଗୀ କରାଇଥାଏ । ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବା ପାଇଁ କ୍ୟାଲସିୟମ୍‌ର ଆବଶ୍ୟକତା କଥା ସମସ୍ତେ ଜାଣନ୍ତି । ତେଣୁ ପ୍ରତିଦିନ ଗୋଟିଏ ଗ୍ଲାସ ବିଟ୍ ରସ ପିଇବା ଦ୍ୱାରା ଅଷ୍ଟିଓପୋରୋସିସ୍ ଏବଂ ଅନ୍ୟାନ୍ୟ ଅସ୍ଥିଜନିତ ସମସ୍ୟାରୁ ରକ୍ଷା ମିଳେ ।

ମଧୁମେହରେ ପୀଡିତ ବ୍ୟକ୍ତି ବିଟ୍ ଖାଇ ମିଠା ପ୍ରତି ଥିବା ଆକର୍ଷଣକୁ ମେଣ୍ଟାଇ ପାରନ୍ତି । ଗୋଟେପଟେ ଏହା ମିଠା ପ୍ରତି ଥିବା ଆକର୍ଷଣକୁ ପୂରଣ କରୁଥିବା ବେଳେ ଅନ୍ୟପଟେ



ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରିତ କରିଥାଏ । ଏହା କମ୍ କ୍ୟାଲୋରିଯୁକ୍ତ ହେବା ସହ ଫ୍ୟାଟ୍ ଫ୍ରି ହୋଇଥିବାରୁ ମଧୁମେହ ପୀଡିତଙ୍କ ପାଇଁ ଉପଯୋଗୀ ।

ବିଟ୍‌ର ରଙ୍ଗ ଲାଲ୍ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ରକ୍ତାଭାବ ଦୂର ହୁଏ ବୋଲି ବିଶ୍ୱାସ ରହିଛି । ତେବେ ଏହା ସମ୍ପୂର୍ଣ୍ଣ ଅସତ୍ୟ ନୁହେଁ ।

କଥାଟି ହେଲା ବିଟରେ ଯଥେଷ୍ଟ ଆଇରନ୍ ଥିବାରୁ ଶରୀରରେ ହେମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ତେଣୁ ରକ୍ତହୀନତା ଭୋଗୁଥିବା ରୋଗୀ ଏହାକୁ ନିୟମିତ ଖାଇବା ଦ୍ୱାରା ଲାଭ ପାଇ ପାରିବ ।

ଆମେରିକାନ୍ ଡାଇବେଟିକ୍ସ ଆସୋସିଏସନର ଏକ ବୈଠକରେ ବିଟ୍ ଶକ୍ତି ବୃଦ୍ଧି କରିଥାଏ’ ବୋଲି ମତ ପ୍ରକାଶ ପାଇଥିଲା । ଏହାର ନାଇଟ୍ରେଟ୍ ତତ୍ତ୍ୱ ଧମନୀକୁ ସଙ୍କୁଚିତ ହେବାକୁ ଦିଏ ନାହିଁ । ଏହାଦ୍ୱାରା ଶରୀରର ପ୍ରତ୍ୟେକ ଅଂଶକୁ ଅକ୍ସିଜେନ୍ ଠିକ୍ ଭାବରେ ପହଞ୍ଚ ପାରିଥାଏ ତେଣୁ ଶରୀରର ଶକ୍ତିକୁ ଏହା ବୃଦ୍ଧି କରିଥାଏ । ଏହାବାଦ୍ ଏଥିରେ ଥିବା ଆଇରନ୍ ଶରୀରକୁ ସାମର୍ଥ୍ୟରେ ଭରିଦିଏ ।

ବିଟ୍‌କୁ ପ୍ରାକୃତିକ ଭାଏଗ୍ରା ବୋଲି କୁହାଯାଏ । ପୁରାକାଳରେ ଏହାକୁ ଯୌନସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରାଯାଉଥିଲା । ଏଥିରେ ଉପଲବ୍ଧ ବୋରନ୍ ନାମକ ଏକ ରସାୟନ ସେକ୍ସ ହର୍ମୋନ୍ ପ୍ରସ୍ତୁତିରେ ସହାୟତା କରିଥାଏ ।

ବିଟରେ ଥିବା ବିଟାସାୟାନିନ୍ ତତ୍ତ୍ୱ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ।

ହାଭାର୍ଡ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ଜଣାପଡ଼ିଛି, ସ୍ତନ କର୍କଟ ରୋଗୀ ବିଟ୍ ଖାଇବା ଦ୍ୱାରା ଟ୍ୟୁମର ବଢୁଥିଲେ ତାହାର ଗତି ୧୨.୫ ପ୍ରତିଶତ ହ୍ରାସ ପାଏ ।

ଏଥିରୁ ମିଳୁଥିବା ଫାଇବର ପାଇଁ ଏହାକୁ ଏକ ରେଚକ ଔଷଧୀ ଭାବେ ବ୍ୟବହାର କରାଯାଏ । ଏହା କୋଷ୍ଠକାଠିନ୍ୟକୁ ହଟାଇ ପେଟକୁ ସଫା କରିଦିଏ ।

ବିଟ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଯଥେଷ୍ଟ ଅକ୍ସିଜେନ୍ ମିଳି ପାରିଥାଏ । ତେଣୁ ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧିପାଏ । ବିଟ୍ ଖାଇବା ଦ୍ୱାରା ସ୍ମୃତିଭ୍ରଂଶ ବା ଭୁଲାମନ ସମସ୍ୟା ଦୂରହୁଏ ।

ତେବେ ବିଟ୍ ଖାଇବାରେ କିଛି ସାବଧାନତା ମଧ ଅବଲମ୍ବନ ଜରୁରୀ । ଏଥିରେ ଆଇରନ୍ ଏବଂ କପର୍ ପ୍ରଚୁର ମାତ୍ରାରେ ଥାଏ, ତେଣୁ ହେମୋକ୍ରୋମେଟୋସିସ୍ ରୋଗୀ ଏହାର ସେବନ କରିବା ଅନୁଚିତ । ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଡାଇରିଆ ପରି ସମସ୍ୟା ଦେଖାଦିଏ । କିଡନି ରୋଗରେ ପୀଡିତ ବ୍ୟକ୍ତି ମଧ ଏହାକୁ ଅଧିକ ମାତ୍ରାରେ ଖାଇବା ଉଚିତ ନୁହେଁ । ନିମ୍ନ ରକ୍ତଚାପ ପୀଡିତ ବ୍ୟକ୍ତି ଏହାକୁ ଯଥା ସମ୍ଭବ କମ୍ ଖାଆନ୍ତୁ ।

## ଲବଙ୍ଗର ଘରୋଇ ଉପଚାର

**ସାଧାରଣ** ଭାବରେ ଦେଖିବାକୁ ଗଲେ ବିଭିନ୍ନ ଘରୋଇ ଜିନିଷର ଭିନ୍ନ ଭିନ୍ନ ଔଷଧୀୟ ଗୁଣ ରହିଛି । ସେଥି ମଧ୍ୟରୁ ଲବଙ୍ଗ ଅନ୍ୟତମ । ଏହା ଆଣ୍ଟିସେପ୍ଟିକ୍, ଆଣ୍ଟିଫୋଙ୍ଗାଲ, ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଅକ୍ସିଡାଣ୍ଟ ଭାବେ କାମ କରିଥାଏ । ଲବଙ୍ଗକୁ ଦାନ୍ତବିନ୍ଧା, ପେଟ ଫୁଲିବା, କାଶ, ବ୍ରୋଙ୍କାଇଟିସ୍, ଓଜନ କମାଇବା ଓ ହଜମ ପ୍ରକ୍ରିୟାକୁ ତୀବ୍ର କରିବା ପାଇଁ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଅନ୍ୟ କେତେକ କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଲବଙ୍ଗ ।



ଲବଙ୍ଗ ପାଟିରେ ଚୋବାଇବାରେ ଅଧିକ ଲାଳ ବାହାରିଥାଏ ଯଦ୍ୱାରା ‘ମୁଖ ଶୋଷ’ ମେଣ୍ଟିଥାଏ । ମୁଖ ଶୋଷରୁ ଲାଳ ପେଟକୁ ଯାଇ ଆମ ହଜମ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ଯକୃତ ରୋଗରୁ ଉପଶମ ପାଇଁ ଲବଙ୍ଗ ବେଶ୍ ଉପକାରୀ । ଲବଙ୍ଗ ତେଲ ଲଗାଇବା ଦ୍ୱାରା ଦାନ୍ତ ବିନ୍ଧା ଦୂର ହୋଇଥାଏ । ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ, ତେଣୁ ମଧୁମେହ ପାଇଁ ମଧ ଖୁବ୍ ଉପକାରୀ ।

## ଉପକାରୀ ଜୁଆଣି

**ଜୁଆଣିରେ** ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷକରି ପ୍ରସବ ପରେ ମହିଳାମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ ।

ଜୁଆଣି ପାଚନ କ୍ରିୟା ସମ୍ବନ୍ଧିତ ଅନେକ ସମସ୍ୟାର ସମାଧାନ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି ।

ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ପ୍ରସବ ପରେ ମହିଳାଙ୍କ ପେଟ କମାଇବାରେ ସାହାଯ୍ୟ କରିଥାଏ ।

ରାତିରେ ଏକ ଚାମଚ ଜୁଆଣିକୁ ଏକ ଗ୍ଲାସ ପାଣିରେ ଭିଜାଇ ରାତିସାରା ରଖନ୍ତୁ । ଏହାକୁ ସକାଳେ ଭଲ ଭାବେ ଫୁଟାଇ ଛାଣିକରି ଥଣ୍ଡା ହେବା ପରେ ପିଅନ୍ତୁ ।

ଡେଲିଭରି ପରେ ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ, ପେଟ ଦରଜ କିମ୍ବା ପାଚନ କ୍ରିୟା ସମ୍ବନ୍ଧିତ ସମସ୍ୟା



ରହୁଛି ତେବେ ଜୁଆଣି ପାଣି ପିଅନ୍ତୁ ।

ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହେବା ସହ ମାଂସପେଶୀର ଉପଯୁକ୍ତ ବିକାଶ ହୋଇଥାଏ ।

ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଜୁଆଣି ପାଣି ବହୁତ ଲାଭଦାୟକ । କାରଣ ଏଥିରେ କ୍ଷୀର ଉତ୍ପାଦନ ଗୁଣ ରହିଛି ।

ଏଥିରେ ଏପରି ତତ୍ତ୍ୱ ରହିଛି, ଯାହା ପ୍ରସବ ପରେ ଶରୀରର ଦରଜ ଦୂର କରିଥାଏ । ପିଠି କିମ୍ବା ଆଣ୍ଠୁଗଣ୍ଠି ଦରଜ ମଧ କମ୍ କରିଥାଏ ।

ସୁସ୍ଥ ଆହାର ଏବଂ ଜୁଆଣି ପାଣି ପିଇବା ସହ ବ୍ୟାୟାମ ଦ୍ୱାରା ଶରୀରରେ ମେଟାବୋଲିଜମ୍ ସ୍ତର ସନ୍ତୁଳିତ ରହିଥାଏ । ଏହା ମଧ କେତେକାଂଶରେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

## ରୋଗ ପ୍ରତିରୋଧକାରୀ ଗଙ୍ଗଶିଉଳି

**ଗଙ୍ଗଶିଉଳି** ପତ୍ର ୮-୧୦ଟି ଭଲ ଭାବରେ ଛେଚିକରି ୪/୫ କପ୍ ପାଣିରେ ସିଝାଇ ସେହି ପାଣି ମରି ମରି ଏକ କପ୍ ହେଲେ ଓହ୍ଲାଇ ଛାଣିନେବ ଏବଂ ଜଳକୁ ସକାଳ ଓ ସନ୍ଧ୍ୟାରେ ଦୁଇଥର ୭/୮ ଦିନ ପିଇଲେ ସାଇଟିକା, ବାତ ଯନ୍ତ୍ରଣା ଉପଶମ ହୁଏ । ଏହି ଔଷଧଟି ଚାଣକ୍ୟ, ଚନ୍ଦ୍ରଗୁପ୍ତଙ୍କ ଠାରେ ପ୍ରୟୋଗ କରିଥିଲେ । ଶିଉଳି ଗଛ ଛେଲିର ଗୁଣ୍ଡକୁ ଦେଢ଼ଗ୍ରାମ ନେଇ ସକାଳ ଓ ସନ୍ଧ୍ୟାରେ ଗରମ ପାଣି ସହ କିଛିଦିନ ଖାଇଲେ ଶରୀରର ଅତିରିକ୍ତ ମେଦ କମିଯାଏ । ମୂର୍ଚ୍ଛା ରୋଗ ଆରମ୍ଭ ସମୟରେ ୨ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ଦୁଇବେଳା ଖାଇଲେ ଉପକାର ମିଳେ । ତେବେ ରୋଗ ଯଦି ଅନେକ ଦିନର ହୁଏ ତେବେ ଉପକାର ନ ମିଳିପାରେ ।



ପେଟ ଖରାପ ଅଥଚ ପେଟ ଭଲ ଭାବରେ ପରିଷ୍କାର ହେଉନାହିଁ କି ? ଏହି ଅବସ୍ଥାରେ ୨ ଚାମଚ ଶିଉଳି ପତ୍ର ରସ ସନ୍ଧ୍ୟା ଓ ସକାଳେ ସାମାନ୍ୟ ଉଷୁମ ପାଣିରେ ୨/୩ ଦିନ ଖାଇଲେ ପେଟ ପରିଷ୍କାର ହେବ ଏବଂ ଶରୀରର ଅସ୍ୱସ୍ତିଭାବ କମିଯିବ । ଦୁଇ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ସକାଳେ ଓ ସନ୍ଧ୍ୟାରେ ୨ ଥର ଖାଇଲେ କୃମିର ଉପଦ୍ରବ କମେ ଏବଂ କୃମି ବାହାରି ଯାଏ ।

## ବୃହଦନ୍ତ କର୍କଟ ଆଶଙ୍କା କମାଏ ବ୍ୟାୟାମ

**ଓଣ୍ଟାରିଓସ୍ଥିତ** ୟୁନିଭର୍ସିଟି ଅଫ୍ ୱାଟରଲୁ ଏବଂ କ୍ୱିନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ସର୍ଭେ କରାଯାଇଥିଲା ।

ମିଳିଥିବା ତଥ୍ୟ ଅନୁସାରେ ବ୍ୟାୟାମ ବୃହଦନ୍ତ କର୍କଟର କୋଷିକାମାନଙ୍କୁ ବିକଶିତ ହେବାକୁ ଦେଇନ ଥାଏ । ଏହି ତଥ୍ୟ ଜର୍ଣ୍ଣାଲ ଅଫ୍ ଫିଜିଓଲୋଜିକାଲରେ ପ୍ରକାଶିତ ହୋଇଥିଲା । ଦୀର୍ଘ ସମୟ ଧରି ବ୍ୟାୟାମ କରିବା ଦ୍ୱାରା ତାହାର ସକରାତ୍ମକ ପ୍ରଭାବ ଶରୀର ଉପରେ ଦେଖିବାକୁ ମିଳିଥାଏ । ଗବେଷଣା ଅନୁସାରେ ହାଇ ଇଣ୍ଟେନସିଭ ଇଣ୍ଟର୍ନାଲ ଟ୍ରେନିଂ ପରେ ହେଉଥିବା ପରିବର୍ତ୍ତନରୁ ଜଣାପଡୁଛି ଯେ ବ୍ୟାୟାମର ତୀବ୍ର ପ୍ରଭାବ କର୍କଟ ବିରୋଧରେ ଲଢ଼ିବା ପାଇଁ ସହଯୋଗ କରୁଛି ।

ଗବେଷଣାରେ କୋଲୋରେକ୍ଟଲ କର୍କଟରୁ ରକ୍ଷା ପାଉଥିବା ରୋଗୀ ହୋଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ୪ ସପ୍ତାହ କରିବା ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଆଉ ପରେ ବୃହଦନ୍ତ କର୍କଟ କୋଷିକାମାନେ ବିକଶିତ ହେଉଛନ୍ତି କି ନାହିଁ ତା’ର ବିଶ୍ଳେଷଣ କରାଯାଇଥିଲା ।

ଗବେଷକ ଜେମ୍ସ ଡେଭିଡ୍ କହିଛନ୍ତି, ‘ଆମେ ଜାଣିପାରିଛୁ ଯେ ବ୍ୟାୟାମ ବୃହଦନ୍ତ କୋଷିକାମାନଙ୍କ ବୃଦ୍ଧିକୁ କିପରି ରୋକିବାରେ ପ୍ରମୁଖ



ଭୂମିକା ଗ୍ରହଣ କରିଥାଏ । ହାଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ବା ବ୍ୟାୟାମର ତୁରନ୍ତ ପରେ ଜଳାପୋଡା ବଢ଼ିଯାଇଥାଏ । ଯାହା କର୍କଟ କୋଷିକାମାନଙ୍କୁ କମ କରୁଥିବା ଅନୁମାନ କରାଯାଉଛି ।

ଗବେଷକଙ୍କ ମତରେ ‘କୋଲୋରେକ୍ଟାଲ ଟ୍ୟୁମର ଠାରୁ ଦୂରେଇ ରହିବା ପାଇଁ ଶାରୀରିକ ଭାବେ ସକ୍ରିୟ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।’

## ରାମକଥା



ଶ୍ରୀରାମ କହିଲେ, ହନୁମାନ ମୋତେ ଋଣୀ କରି ଦେଇଛି । ତା'ର ଗୋଟିଏ ଗୋଟିଏ ଉପକାର ପାଇଁ ଯଦି ମୁଁ ଥରେ ଥରେ ପ୍ରାଣ ଦିଏ ତେବେ ବି ତା'ର ଋଣ ମୁଁ ପରିଶୋଧ କରିପାରିବି ନାହିଁ । ପ୍ରାଣ ହେଉଛି ପାଞ୍ଚ, ମାତ୍ର ହନୁମାନଙ୍କର ଉପକାର ତ ଅନନ୍ତ । ମୁଁ ସମସ୍ତଙ୍କୁ କହିପାରିବି, ହେଲେ ହନୁମାନଙ୍କୁ କିଛି କହିପାରିବି ନାହିଁ ।


ସୀତା ହନୁମାନଙ୍କୁ କହିଲେ, ହନୁମାନ ! ବହୁତ ହୋଇଗଲା । ତୁ ଏଥର ଏଠାରୁ ପଳା । ହନୁମାନ କହିଲେ, ମା' ମୁଁ ଯିବି କିମିତି ? ନିଦରେ ଶୋଇଥିବା ବେଳେ ଯଦି ହାଇ ଆସିଯାଏ, ତେବେ ? ମୋତେ ତ ରାତିସାରା ଏଠାରେ ରହିବାକୁ ହେବ । ପରିଶେଷରେ ସୀତା ହନୁମାନଙ୍କୁ କହିବାକୁ ବାଧ ହେଲେ, ରାତିରେ ଯଦି ହାଇ ଆସିଯାଏ ତେବେ ତୋ ବଦଳରେ ମୁଁ ଫୁଟକି ମାରିବି । ଏଥର ମୁଁ ତୋତେ ଆଦେଶ ଦେଉଛି, ତୁ ଯାଇ ବିଶ୍ରାମ ନେ । ସୀତା ମାତାଙ୍କର ଆଦେଶ ହନୁମାନ ଶିରୋଧାର୍ଯ୍ୟ କଲେ । କିଛି କହିଲେ ନାହିଁ । ବାହାରକୁ ଚାଲି ଆସିଲେ । ସୀତା ହନୁମାନଙ୍କୁ ସେବାର ସୁଯୋଗରୁ ବଞ୍ଚିତ କଲେ, ତାଙ୍କୁ ବାହାରକୁ ବାହାର କରିଦେଲେ, ଏହା ଶ୍ରୀରାମଙ୍କୁ କିଛୁ ଭଲ ଲାଗିଲା ନାହିଁ । ହନୁମାନଙ୍କୁ ବି ଦୁଃଖ ଲାଗିଲା । ତାଙ୍କ ପାଇଁ କିଛି ସେବାର ସୁଯୋଗ ନାହିଁ । ହାଇ ଆସିଲେ ଫୁଟକି ମାରିବା ପାଇଁ ଯେଉଁ ସେବାର ସୁଯୋଗ ମିଳିଥିଲା ତାହା ବି ଏବେ କଟିଗଲା । ଏବେ ସେ କୁଆଡ଼େ ଯିବେ ? ସେବା ବିନା ତାଙ୍କୁ ତାଙ୍କ ଜୀବନ ବୃଥା ହୋଇଯାଇଥିବା ଭଳି ଲାଗିଲା । ବୈଷ୍ଣବ ପରମାତ୍ମାଙ୍କ ପାଇଁ ହିଁ ଜୀବନ ଧାରଣ କରିଥାଆନ୍ତି । ପରୋପକାର ପାଇଁ ବଞ୍ଚିଥାଆନ୍ତି । ହନୁମାନ ଘରୁ ବାହାରିଯାଇ ରାଜପ୍ରସାଦର ଶିଖର ସ୍ଥାନରେ ବସିଗଲେ । ସେ 'ସୀତାରାମ ସୀତାରାମ' କୀର୍ତ୍ତନ କରି କରି ଫୁଟକି ମାରିବାରେ ଲାଗିଲେ । ରାତିସାରା ସେ ଏପରି କରିବାରେ ଲାଗିଲେ । ରାତିରେ କେତେବେଳେ ବି ପ୍ରଭୁ ହାଇ ମାରି ପାରନ୍ତି ତାଙ୍କ ସେବା ସଫଳ ହେବ । ତେଣୁ ସେ କୀର୍ତ୍ତନ ଆଉ ଫୁଟକି ଆରମ୍ଭ କରିଦେଲେ । ଭକ୍ତ ଯଦି ଉଜାଗର ରହେ ତେବେ ଭଗବାନ ବି ଉଜାଗର ରୁହନ୍ତି । ଭକ୍ତର ଚିନ୍ତା ଭଗବାନ ସବୁ ସମୟରେ କରୁଥାଆନ୍ତି ।

ଶ୍ରୀରାମ ଭାବିଲେ, 'ମୋ ହନୁମାନ ଉଜାଗର ରହିଥିବ ଆଉ ମୁଁ ଶୋଇପଡିବି, ଏହା ଠିକ୍ ହେବ ନାହିଁ । ଆଜି ପୂରା ରାତି ହନୁମାନ ଉଜାଗର ହରିବ । ଏଣୁ ମୁଁ ବି ରାତିସାରା ଉଜାଗର ରହିବି । ଆଉ ସୀତାଙ୍କୁ ବି ଶୋଇଦେବି ନାହିଁ ।

ସୀତା ଚରଣସେବା କରିବାରେ ଲାଗିଥିଲେ । ଶ୍ରୀରାମ ଭାବିଲେ, ମୋତେ କେତେବେଳେ ବି ହାଇ ଆସି ଯାଇ ପାରେ, ଏପରି ଭାବି ହନୁମାନ ଫୁଟକି ମାରିବାରେ ଲାଗିଛି । କୀର୍ତ୍ତନ କରୁଛି । ତେବେ ମୁଁ ସବୁବେଳେ ଗୋଟିକ ପରେ ଗୋଟିଏ ହାଇ ମାରିଲେ କ୍ଷତି କ'ଣ ? ଏପରି ଭାବି ଶ୍ରୀରାମ ହାଇ ପରେ ହାଇ ମାରିବାରେ ଲାଗିଲେ । ମୁହଁ ଆଉ ବନ୍ଦ ରହିଲା ନାହିଁ । ସୀତା ପଚାରିଲେ 'ଆପଣଙ୍କୁ କ'ଣ ହୋଇଛି ?

ଶ୍ରୀରାମଙ୍କର ମୁହଁ ମେଲା ଥିଲା, ଆଖି ବି ମେଲା ଥିଲା । ପ୍ରସାଦ ଶିଖରରେ ହନୁମାନ କୀର୍ତ୍ତନ କରିବାରେ ଲାଗିଥିଲେ । ଶ୍ରୀରାମ ତାହା ବି ଶୁଣୁଥିଲେ ।

## ସ୍ୱର୍ବେଦ




**ଜାକୋ ପ୍ରଭୁ ପ୍ରିୟତମ ବନେ, ପ୍ରଭୁ କୋ ପ୍ରିୟ ହେଁ ସୋୟ ।**
**ଜାହି ୱରଣ ପ୍ରଭୁ କରତ ହେଁ, ତା କହଁ ଦରଶନ ହୋୟ ॥୩୩॥**

ଭାଷ୍ୟ - ଯାହାକୁ ପ୍ରଭୁ ପ୍ରୀତ ହୁଅନ୍ତି, ସେ ପ୍ରଭୁଙ୍କର ପ୍ରିୟ ହୋଇଥାଏ ଏବଂ ଯାହାକୁ ପ୍ରଭୁ ବରଣ କରନ୍ତି, ତାକୁ ନିଜ ଅପରୋକ୍ଷ, ସାକ୍ଷାତ୍କାର ଦେଇ ଦର୍ଶନ ଦିଅନ୍ତି । ଯାହାର ସର୍ବସ୍ୱ ପ୍ରଭୁ ଅଟନ୍ତି, ସେ ହିଁ ପ୍ରଭୁଙ୍କର ପ୍ରିୟତମ ହୋଇଥାଆନ୍ତି । ତାହାକୁ ପ୍ରଭୁ ନିଜ ମନେକରି ସାକ୍ଷାତ୍କାର ଦର୍ଶନ ଦେଇ କୃତକୃତ୍ୟ କରିଥାନ୍ତି । ପ୍ରଭୁଙ୍କ ଦ୍ୱାରା ହିଁ ଆତ୍ମାକୁ ସବୁକିଛି ପ୍ରାପ୍ତ ହୋଇଥାଏ । ଅତଏବ ନିଜର ସମସ୍ତ ସ୍ନେହକୁ ଏକମାତ୍ର ପ୍ରଭୁଙ୍କ ଠାରେ ଲଗାଇବା ଦ୍ୱାରା ହିଁ ପୂର୍ଣ୍ଣ ଆନନ୍ଦ ଏବଂ ଶାନ୍ତି ପ୍ରାପ୍ତି ହୋଇଥାଏ ।

**ଲକ୍ଷ୍ୟ ବନାଓ ପ୍ରଭୁ ମିଲନ, ଜୀୱନ କା ଉଦ୍ଦେଶ୍ୟ ।**
**ପ୍ରଭୁ ପ୍ରାପ୍ତି ସବ ମିଲନ ହେଁ, ନାସ ଅମିଲ ଜଗ ୱେଶ ॥୩୪॥**

ଭାଷ୍ୟ - ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ ପ୍ରଭୁ ପ୍ରାପ୍ତି ଅଟେ । ସେଥିପାଇଁ ପ୍ରଭୁପ୍ରାପ୍ତିକୁ ହିଁ ଜୀବନର ଲକ୍ଷ୍ୟ ରୂପେ ମାନିବା ଉଚିତ । ତାଙ୍କରି ପ୍ରାପ୍ତିରେ ସବୁକିଛି ପ୍ରାପ୍ତ ହୋଇଯାଏ । ଜଗତ ଅନିତ୍ୟ ସ୍ୱରୂପ ଅଟେ । ସେଥିପାଇଁ ଏହି ନାଶବାନ ଜଗତରୁ ମୁକ୍ତ ହୋଇ ନିତ୍ୟ ପରଂବ୍ରହ୍ମ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବା ଉଚିତ ।

**କ୍ଷର ମେଁ ଭି ଅକ୍ଷର ରହେ, ନିଃଅକ୍ଷର ଆଧାର ।**
**କୋରେ ନହିଁ ଜଡ଼ ଶବ୍ଦ ହେଁ, କ୍ଷର ମେଁ ଭି ଦୋ ସାର ॥୩୫॥**

ଭାଷ୍ୟ - କ୍ଷର ଏବଂ ଅକ୍ଷର ଉଭୟର ଆଧାର ନିଃଅକ୍ଷର ଅର୍ଥାତ୍ ସାରଶବ୍ଦ ଅଟନ୍ତି । କ୍ଷର-ଅକ୍ଷର ଉଭୟରେ ସାରଶବ୍ଦ ଓତପ୍ରୋତ ଭାବରେ ବ୍ୟାପକ ଅଟନ୍ତି । ଅନହଦ ଆଦି ଜଡ଼ ଶବ୍ଦ ମଧ୍ୟ ଅକ୍ଷର ଠାରୁ ଶୂନ୍ୟ ନୁହନ୍ତି, ବରଂ ପଞ୍ଚ ଶବ୍ଦ, ଅସୀମ ଆଦି କ୍ଷର ଶବ୍ଦମାନଙ୍କରେ ଅକ୍ଷର ଏବଂ ନିଃଅକ୍ଷର ଉଭୟ ଏକ ରସ ବ୍ୟାପକ ଅଟନ୍ତି ।

**ସକଲ ପଦାରଥ ସୃଷ୍ଟି କେ, ଅକ୍ଷର ଅକ୍ଷର ମେଲ ।**
**ବାହର କ୍ଷର ୱେ ନିମିତ ହେଁ, କାରଣ ଆତମ କେଲ ॥୩୬॥**

ଭାଷ୍ୟ - ନିଃଅକ୍ଷର ସାରଶବ୍ଦ ଦ୍ୱାରା ଅକ୍ଷର ଆଧାର ସମ୍ବନ୍ଧରୁ ସୃଷ୍ଟିର ସକଳ ପଦାର୍ଥଗୁଡ଼ିକର ନିର୍ମାଣ ହୋଇଥାଏ । ବାହାରେ କ୍ଷର ଶବ୍ଦମାନଙ୍କର ଆଧାର, ସ୍କନ୍ଧ, ସାରଶବ୍ଦ, ନିଃଅକ୍ଷର ପରମପ୍ରଭୁ ଅଟନ୍ତି ।

**ଜ୍ଞାନ ରାସି ଭଣ୍ଡାର ହେଁ, ନିଃଅକ୍ଷର ସବ ପାର ।**
**ଜ୍ଞାନ ଅନନ୍ତ ଅସୀମ ହେଁ, ପୂରଣ କଲା ଅପାର ॥୩୭॥**

ଭାଷ୍ୟ - ପ୍ରକୃତି ଆତ୍ମାରୁ ସୂକ୍ଷ୍ମ କ୍ଷର-ଅକ୍ଷର ପାର ନିଃଶବ୍ଦ ପରମ ପୁରୁଷ ସମସ୍ତ ଜ୍ଞାନର ଗନ୍ତାଘର ଅର୍ଥାତ୍ ଜ୍ଞାନର ସମୁଦ୍ର ଅଟନ୍ତି । ଅନନ୍ତ ପ୍ରଭୁଙ୍କର ଅନନ୍ତ ଜ୍ଞାନ ଅଛି ଏବଂ ସେହି ଅସୀମ ପରିପୂର୍ଣ୍ଣ ବ୍ରହ୍ମ ନିଜ ପୂର୍ଣ୍ଣ କଳାଠାରୁ ମଧ୍ୟ ଅନନ୍ତ ଏବଂ ଅପାର ଅଟନ୍ତି । ସେହି ଅନନ୍ତ କଳା, ଅନନ୍ତ ଶକ୍ତି ତଥା ଅନନ୍ତ ଐଶ୍ୱର୍ଯ୍ୟ ସର୍ବତ୍ର ପରିପୂର୍ଣ୍ଣ । ଅନନ୍ତର ଅନ୍ତ ନାହିଁ ଏବଂ ସେହି ଅନନ୍ତ ମହାପ୍ରଭୁଙ୍କର ମହିମା, କ୍ରିୟା ଏବଂ କଳା ମଧ୍ୟ ଅନନ୍ତ ଅଟେ । ଜଗଦୀଶ୍ୱର ପରମପ୍ରଭୁ ସମସ୍ତଙ୍କ ଭିତରେ ବ୍ୟାପକ ହୋଇ ଶୁଦ୍ଧ ତିନିପାଦ ଅମୃତରେ ବ୍ୟାପକ ଭାବରେ ପରିପୂର୍ଣ୍ଣ ଅଟନ୍ତି । ଅତଏବ ତାଙ୍କର ସୀମା କେଉଁଠାରୁ କେଉଁ ପର୍ଯ୍ୟନ୍ତ ତାହା କିଏ କଳନା କରିପାରିବ ? ସେଥିପାଇଁ ସେହି ପ୍ରଭୁଙ୍କୁ ଅନନ୍ତ ବୋଲି କୁହାଯାଇଛି ।

**ସୂକ୍ଷ୍ମ ଶରୀର ଅଭାୱ ମେଁ, ସ୍ୱପ୍ନ ଅୱସ୍ଥା ଜାୟ ।**
**କାରଣ ଦେହ ଅଭାୱ ମେଁ, ଘୋର ସୁଷୁପ୍ତି ନଶାୟ ॥୩୮॥**

ଭାଷ୍ୟ - ସୂକ୍ଷ୍ମ ଶରୀରର ଅଭାବ ହୋଇଯିବା ପରେ ସ୍ୱପ୍ନ ଅବସ୍ଥାର ମଧ୍ୟ ଅଭାବ ହୋଇଯାଏ କାହିଁକି ନା ଯେତେବେଳେ ସ୍ୱପ୍ନଦ୍ରଷ୍ଟା ଶାନ୍ତ ହୋଇଯାଏ ଏବଂ ବାହ୍ୟ ବୋଧ ବନ୍ଦ ହୋଇଯାଏ, ସେତେବେଳେ ସ୍ୱପ୍ନର ସ୍ଥିତି ରହେ ନାହିଁ । ଏହି ପ୍ରକାର ଯେତେବେଳେ ଯୋଗାଭ୍ୟାସରେ ଜଡ଼-ଚେତନର ଗ୍ରନ୍ଥି ଖୋଲିଯାଏ, ସେତେବେଳେ ଘୋର ସୁଷୁପ୍ତିର ମଧ୍ୟ ଅଭାବ ହୋଇଯାଏ । ଆତ୍ମା ସୁଷୁପ୍ତିର ଅଭାବରେ ଆତ୍ମସ୍ୱରୂପର ପ୍ରାପ୍ତି ଏବଂ ପରମାନନ୍ଦଙ୍କର ଉପଲବ୍ଧି ପାଇଁ ଅଗ୍ରସର ହୁଏ । ଯୋଗାଭ୍ୟାସୀ ଅନୁଭବୀ ସାଧକ ଏହି ତତ୍ତ୍ୱଜ୍ଞାନ ଭେଦ ରହସ୍ୟକୁ ପୂର୍ଣ୍ଣ ରୂପରେ ଜାଣି ପାରିବେ । ସମସ୍ତ ବିଷୟର ଅନୁଭବ ସାକ୍ଷାତ୍କାର ହେବା ପରେ ପୂର୍ଣ୍ଣ ବୋଧ ଏବଂ ସ୍ପଷ୍ଟ ତତ୍ତ୍ୱଜ୍ଞାନ ପ୍ରାପ୍ତି ହୁଏ ।

**ଏକ ତାର ଚାଟକ ଲଗେ, ଦେହ ଅୱସ୍ଥା ଜାୟ ।**
**କ୍ରମ ଉନ୍ନତି କ୍ରମ ଛୁଟତ ହେଁ, ଚର୍ମ ସିମା ପର ଆୟ ॥୩୯॥**

ଭାଷ୍ୟ - ସଦ୍‌ଗୁରୁ ପ୍ରଦେଶରେ ଏକ-ସ୍ୱରୂପ ସ୍ଥିତି ହୋଇଯିବା 'ଲରେ ସମଗ୍ର ଦେହର ଅବସ୍ଥାଗୁଡ଼ିକର ଅଭାବ ହୋଇଯାଏ । ଯେଉଁ ପ୍ରକାର ଆତ୍ମାର ଉନ୍ନତି ହୋଇଥାଏ, ସେହି ପ୍ରକାର କ୍ରମଶଃ ଶରୀରର ଭାବ ତୁଟିବାରେ ଲାଗେ ଏବଂ ଆତ୍ମା ଅନ୍ତିମ ଲକ୍ଷ୍ୟରେ ପହଞ୍ଚିଯାଏ ।

**ତ୍ୟାଗ ମାହିଁ ଅଭିମାନ କୋ, ଶବ୍ଦାକାର ୱିୱେକ ।**
**ଅପରଛିନ୍ନ ଅନୁଭୱ ଚଲେ, ଉମଗତ ଉମଡ଼ତ ଏକ ॥୪୦॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଯୋଗାଭ୍ୟାସ ଦ୍ୱାରା ମାୟା ସମ୍ବନ୍ଧକୁ ତ୍ୟାଗ କରି ଏକ ଶବ୍ଦାକାର ବିବେକ ହେବା ଦ୍ୱାରା ସର୍ବବ୍ୟାପକ ସତ୍ତାଙ୍କର ପରିପୂର୍ଣ୍ଣ ଅନୁଭବ ହେବାରେ ଲାଗେ ଏବଂ ଆତ୍ମା ନିଜ ଶକ୍ତିର ପୂର୍ଣ୍ଣ ବିକାଶ କରି ଧୈର୍ଯ୍ୟର ସ୍ୱରୂପରେ ତନ୍ମୟ ହୋଇ ଲୌହ ଅଗ୍ନିବତ୍ ଏକ ହୋଇଯାଏ । ସମାଧିରେ ଜୀବ ବ୍ରହ୍ମାନନ୍ଦଙ୍କୁ ପ୍ରାପ୍ତ କରି ବ୍ରହ୍ମସ୍ୱରୂପ ହୋଇଯାଏ । ସମାଧି ଅବସ୍ଥାରେ ଧ୍ୟାତା, ଧ୍ୟାନ, ଧ୍ୟେୟ ଏବଂ ତ୍ରିପୁଟୀର ଅଭାବ ହୋଇଯାଏ । ସେହି କାରଣରୁ ବାହ୍ୟ ଜଗତର ଅଭାବ ହୋଇ ଆତ୍ମା ଏବଂ ବ୍ରହ୍ମଙ୍କର ତନ୍ମୟତା ହେଉଥିବାରୁ ଏହି ପଦରେ ଏକ ଶବ୍ଦର ପ୍ରୟୋଗ କରାଯାଇଛି । ସମାଧିରେ ଜୀବ ବ୍ରହ୍ମକୁ ପ୍ରାପ୍ତ କରି ଆନନ୍ଦରେ ନିମଗ୍ନ ହେବା କାରଣରୁ ତାହାର ସ୍ୱରୂପ ଶୂନ୍ୟସମ ହୋଇଯାଏ । ଜ୍ଞାନର ନିମଗ୍ନତା ଏତେ ପରିମାଣରେ ହୋଇଯାଏ ଯେ ପରଂବ୍ରହ୍ମଙ୍କର ଆନନ୍ଦରେ ଅନ୍ୟ କୌଣସି ପଦାର୍ଥର ଜ୍ଞାନ ରହେନାହିଁ । ଏହାକୁ ଆତ୍ମା ଏବଂ ବ୍ରହ୍ମର ଏକତ୍ୱ ବୋଲି କୁହାଯାଏ । ଏହି ଭାବକୁ ନେଇ ଏହି ପଦରେ 'ଏକ ହୋଇ ଯିବାର ବିବେକ' ବୋଲି କୁହାଯାଇଛି ।

**ଶବ୍ଦ ଧାମ ସ୍ଥିର ରହେ, ଦେହ ସଭୀ ଜଡ଼ ଜାୱ ।**
**ଶୁଦ୍ଧ କର୍ମ ଗୁଣ ଉଦୟ ମେଁ, ୱସ୍ଥା ସର୍ୱ ଅଭାୱ ॥୪୧॥**

ଭାଷ୍ୟ - ଚେତନ ଧାମ ଅର୍ଥାତ୍ ବ୍ରହ୍ମବିଦ୍ୟାର ସର୍ବୋଚ୍ଚ ଭୂମିରେ ଆତ୍ମାର ଚେତନା ସ୍ଥିର ହୋଇଯିବା ପରେ ପ୍ରାକୃତିକ ସମସ୍ତ ଜଡ଼ ଦେହର ଭାବ ଛାଡ଼ିଯାଏ ଏବଂ ଆତ୍ମାରେ ଚେତନତ୍ୱର ଶୁଦ୍ଧ ପ୍ରକାଶ ଉଦୟ ହୋଇଯିବା ପରେ ତାହାର ସ୍ୱାଭାବିକ ଗୁଣ ଏବଂ କର୍ମ ପ୍ରକଟ ହେବାରେ ଲାଗେ ଏବଂ ପ୍ରାକୃତିକ ସମସ୍ତ ଅବସ୍ଥାର ଧର୍ମଗୁଡ଼ିକର ଅଭାବ ହୋଇଯାଏ ।

**କର୍ମ ଭ୍ରମଣ ଜଗ ୱିଘ୍ନ ହେଁ, ଅଭ୍ୟାସୀ କୋ ଜାନ ।**
**ଏକ ଏକାନ୍ତ ନହିଁ ଗୁହା, ୱିପିନ ଶିଖର ଶୁଭ ମାନ ॥୪୨॥**

ଭାଷ୍ୟ - ଯୋଗାଭ୍ୟାସୀ ଅର୍ଥାତ୍ ପ୍ରାରମ୍ଭିକ ସାଧନ କରୁଥିବା ସାଧକ ମାୟା ରୂପୀ ମନକୁ ନେଇ ସଂସାର ଭ୍ରମଣ କରୁଥିବା ଯୋଗୁଁ ବିଘ୍ନ ଉପସ୍ଥିତ ହୋଇଥାଏ । ସେଥିପାଇଁ ଯୋଗାଭ୍ୟାସୀକୁ ସଂସାର ଭ୍ରମଣ ପରିତ୍ୟାଗ କରିବା ପାଇଁ କୁହାଯାଇଛି । ଏକାକୀ ଅବସ୍ଥାନ କରିବା ଦ୍ୱାରା ହିଁ ପୂର୍ଣ୍ଣ ରୀତିରେ ପ୍ରଭୁଙ୍କର ଉପାସନା ହୋଇଥାଏ । ନିର୍ଜନ ଏବଂ ଏକାନ୍ତ ସ୍ଥାନରେ ମଧ୍ୟ ମନ ଶାନ୍ତ ରହେନାହିଁ, ତେଣୁ ସେଠାରେ ନିବାସ କରିବା ମାତ୍ରକେ ଯୋଗର ସଫଳତା ପ୍ରାପ୍ତ ହୁଏନାହିଁ । ଏକ ହିଁ ଏକାନ୍ତ ହୋଇଥାଏ । ଯେଉଁଠାରେ ଏକରୁ ଅନେକ ବ୍ୟକ୍ତିଙ୍କର ସମ୍ବନ୍ଧ ଲାଗିଅଛି, ଏମିତକି ଗୁମ୍ଫା ଏବଂ ବଣ, ପର୍ବତ ନିବାସରୁ ମଧ୍ୟ କୌଣସି ଲାଭ ମିଳେନାହିଁ । ଯୋଗ ସମାଧି ଅନୁଷ୍ଠାନରେ ଦୀର୍ଘକାଳ ପର୍ଯ୍ୟନ୍ତ ଦୃଢ଼ାସୀନ ହେଉଥିବା ଯୋଗୀ ଗୋଟିଏ ସ୍ଥାନରେ ବସି ବ୍ରହ୍ମ-ସୁଖ-ସମାଧିରେ ନିମଗ୍ନ ହୋଇଯାଏ । ବ୍ରହ୍ମପ୍ରାପ୍ତି, ଜୀବନ୍ମୁକ୍ତି ହୋଇଯିବା ପରେ ଯୋଗୀଜନ ସଂସାରର କଲ୍ୟାଣ ନିମନ୍ତେ ଉପଦେଶ ଦେବା ପାଇଁ ଜଗତର ପରିଭ୍ରମଣ କରନ୍ତି, କେବଳ ସାଧନା ଅଭ୍ୟାସ କାଳରେ ସଂସାରର ଭ୍ରମଣ ନିଷେଧ ଅଟେ । ସେଥିପାଇଁ ଏକାକୀ ସାଧକ ହିଁ ଏକାନ୍ତ ସୁଖ ଲାଭ କରିଥାଏ । ପୁରୁଷମାନଙ୍କୁ ସଦ୍‌ଗୁରୁ ଶରଣରେ ରହି ସେବା ସତ୍‌ସଙ୍ଗ କରିବାର କିଛି କାଳ ପରେ ଏକାନ୍ତ ନିବାସର ଆବଶ୍ୟକତା ହୋଇଥାଏ । କେବଳ ଯୋଗୀ ନିମନ୍ତେ ଏକାନ୍ତ ଅମୃତତୁଲ୍ୟ ହୋଇଥିବା ବେଳେ ସଂସାରୀଜନଙ୍କ ନିମନ୍ତେ ଏହା ବିଷତୁଲ୍ୟ ଅଟେ ।

## ମହୁଲର ଉପକାରିତା

ମହୁଆ, ମୋହା, ମଧୁକା, ଇଲୁପ୍ପାଇ, ମଡୁରଗମ, ମାଭାଗାମୀ, କୁଲିଙ୍ଗମ୍, ଟିଟିନାମ୍ ମୋଆରା ପରି ଭାରତର ବିଭିନ୍ନ ଭାଷାରେ ମହୁଲ ବୃକ୍ଷର ଏପରି ପୃଥକ ନାମ ରହିଛି । ଓଡ଼ିଶା ସମେତ ଝାଡଖଣ୍ଡ, ଉତ୍ତରପ୍ରଦେଶ, ବିହାର, କେରଳ ଓ ଗୁଜୁରାଟର ଜଙ୍ଗଲଗୁଡିକରେ ଏହି ବୃକ୍ଷ ଦେଖିବାକୁ ମିଳେ । କେବଳ ଜଙ୍ଗଲ କାହିଁକି ଛାଇ ପାଇଁ ଏହାକୁ ବାଡିବଗିଚା, ରାସ୍ତାକଡ଼ରେ ମଧ ଲଗାଯାଇଥାଏ । ଏହି ଗଛଟି ବାରରୁ ପନ୍ଦର ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଏହାର କାଠ ବେଶ୍ ମଜଭୁତ । ମହୁଲର ଫୁଲ ମିଠା ଲାଗିଥାଏ । ମହୁଲରୁ ବିଭିନ୍ନ ଉପାୟରେ ମହୁଲି ପ୍ରସ୍ତୁତ କରାଯାଏ । କେତେକ ଅଞ୍ଚଳରେ ମହୁଲକୁ ବାନ୍ଧି ଖିଆଯାଏ । ମହୁଲ ମଞ୍ଜିରୁ ତେଲ ବାହାର କରାଯାଇ ବ୍ୟବହାର କରାଯାଇଥାଏ । ମହୁଲ ଫୁଲର ବାସ୍ନା ମନକୁ ଆହ୍ଲାଦିତ କରେ । ଏହି ବୃକ୍ଷର ପତ୍ର, ଛାଲି, ଫୁଲ, ମଞ୍ଜିରେ ଔଷଧୀୟ ଗୁଣ ଭରି ରହିଛି । ବାତ, ପିତ୍ତ, କଫକୁ ଏହା ଶାନ୍ତ କରିଥାଏ ।

ପିପ୍ପଳି, ବଚ, ଗୋଲମରିଚ, ମହୁ ଏବଂ ସୈନ୍ଧବ ଲବଣ ପାଣିରେ ମିଶାଇ ନାକପଟେ ନେବା ଦ୍ୱାରା ଅପସ୍ମାର, ଉନ୍ମାଦ, ସନ୍ନିପାତ ଆଦି ରୋଗରେ ଉପଶମ ହୋଇଥାଏ ।

ମହୁଲର ଛାଲି ପୁରୁଷର ଧାତୁ ପୁଷ୍ଟିରେ ସହାୟକ ହୋଇଥାଏ । ଏହାର ଛାଲିର ଚୂର୍ଣ୍ଣକୁ ଗାଈ କ୍ଷୀରରେ ଚିନି ମିଶାଇ ପିଇବା ଦ୍ୱାରା ଏହି ଲାଭ ମିଳିଥାଏ ।

ଛେଲି କ୍ଷୀରରେ ମହୁଲ ଫୁଲକୁ ସିଝାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ରକ୍ଷା ମିଳିଥାଏ ।

ସନ୍ତାନ ପ୍ରସବ କରିଥିବା ମହିଳାଙ୍କର କ୍ଷୀର ହେଉ ନ ଥିଲେ ପ୍ରତ୍ୟହ ସକାଳେ ଏବଂ ସନ୍ଧ୍ୟାରେ ମହୁଲ ଫୁଲର ରସ ଚାରି ଚାମଚ ଲେଖା ତାଙ୍କୁ ପିଇବାକୁ ଦେବା ଦରକାର ।

ପାଟି ଓ ନାକରୁ ରକ୍ତ ପଡୁଥିଲେ ପ୍ରତିଦିନ ଦୁଇ ଚାମଚ ଲେଖା ମହୁଲ ଫୁଲର ରସ ପିଇଲେ ରକ୍ତପଡିବା ବନ୍ଦ ହୁଏ । ମହୁଲ ଫୁଲର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ଦୁଇଥର ସେବନ କରିବା ଦ୍ୱାରା କାଶ ରୋଗ



ଭଲ ହୋଇଥାଏ । ଆହୁରି ମଧ ମହୁଲ ପତ୍ରରୁ କାଢ଼ା ପ୍ରସ୍ତୁତ କରି ରୋଗୀକୁ ପିଇବାକୁ ଦେବା ଦ୍ୱାରା କାଶ ରୋଗ ଆରୋଗ୍ୟ ହୋଇଥାଏ ।

ଗ୍ୟାସ୍ ରୋଗରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ମହୁଲର ପତ୍ର ବେଶ୍ ଉପକାରୀ । ଏହାର ପତ୍ରକୁ ଗରମ କରି ବାୟୁଜନିତ କାରଣରୁ ପୀଡା ହେଉଥିବା ସ୍ଥାନରେ ବାନ୍ଧିଲେ ଉପଶମ ମିଳିଥାଏ ।

ଅର୍ଶରୋଗ ପାଇଁ ଲବଣୀବିହୀନ କ୍ଷୀର ସହ ମହୁଲ ଫୁଲର ବ୍ୟବହାର କରାଯାଇଥାଏ ।

ବାରମ୍ବାର ହାକୁଟି ଉଠୁଥିଲେ ମହୁଲ ଫୁଲର ଚୂର୍ଣ୍ଣ ଏକ ଚାମଚ ଲେଖା ଦିନକୁ ତିନିଥର ମହୁ ସହିତ ସେବନ କରନ୍ତୁ । ହାକୁଟି କମିଯିବ ।

ଶରୀର ଦୁର୍ବଳ ଥିଲେ ୫୦ ଗ୍ରାମ ମହୁଲ ଫୁଲକୁ ଏକ ଗ୍ଲାସ୍ କ୍ଷୀରରେ ଫୁଟାଇ ସେବନ କରନ୍ତୁ । ଏହାଦ୍ୱାରା ଦୁର୍ବଳତା ଦୂର ହୁଏ ।

ମହୁଲ ଫୁଲରେ ଅଣ୍ଡକୋଷକୁ ସେକିବା ଦ୍ୱାରା ତାହା ଫୁଲା ଥିଲେ କିମ୍ବା ସେଥିରେ ଜ୍ୱଳନ ହେଉଥିଲେ ଆରାମ ମିଳିଥାଏ । ସେହିପରି ତାଜା ମହୁଲ ଫୁଲକୁ ପାଣିରେ ପକାଇ ତାକୁ ଫୁଟାନ୍ତୁ ସେଥିରୁ ବାହାରୁଥିବା ବାମ୍ପରେ ଅଣ୍ଡକୋଷକୁ ସେକିଲେ ଏକଶିରାର ଯନ୍ତ୍ରଣାର ଉପଶମ ହୋଇଥାଏ ।


ଦାନ୍ତମାଢ଼ି ଦୁର୍ବଳ ହୋଇ ଦାନ୍ତ ହଲୁଥିଲେ ମହୁଲ ଡାଳର ଦାନ୍ତକାଠି ବ୍ୟବହାର କରନ୍ତୁ । ଏଥିରେ ତିନି ଚାରିଦିନ ଦାନ୍ତ ଘଷିବା ଦ୍ୱାରା ଦାନ୍ତ ମଜଭୁତ ହୋଇଥାଏ ଏବଂ ମାଢ଼ିରୁ ରକ୍ତ ପଡିବା ବନ୍ଦ ହୋଇଯାଏ ।

୨୦ ରୁ ୪୦ ମି.ଲି ମହୁଲ ଫୁଲର କାଢ଼ା ଦୈନିକ ଦୁଇରୁ ତିନି ଥର ସେବନ କରିବା ଦ୍ୱାରା ଜ୍ୱରରୁ ରକ୍ଷା ମିଳେ । ଆହୁରି ମଧ ଏହା ଶରୀରକୁ ଶକ୍ତିଶାଳୀ କରେ । କୌଣସି କାରଣରୁ ଗଳା ବସି ଯାଇଥିଲେ ମହୁଲର ମଞ୍ଜିକୁ ପାଣିରେ ଘୋରି ସେବନ କରିବା ଦ୍ୱାରା ଗଳା ଖୋଲିଯାଇଥାଏ ।

ଆଣ୍ଠୁଗଣ୍ଠି ସମସ୍ୟା ହେଉ ବା ପବନ ଅଟକିବା ଜନିତ ସମସ୍ୟା ଶରୀରର କୌଣସି ଅଂଶରେ ଯନ୍ତ୍ରଣା ହେଉଥିଲେ ମହୁଲ ତେଲକୁ କିଛିଦିନ ପାଇଁ ନିୟମିତ ଭାବେ ମାଲିସ କରିବା ଦ୍ୱାରା ଯନ୍ତ୍ରଣା ଉପଶମ ହୋଇଥାଏ । ପିଲାମାନଙ୍କୁ ଥଣ୍ଡା ହୋଇଥିଲେ ମହୁଲ ତେଲକୁ ଶରୀରରେ ମାଲିସ କରନ୍ତୁ ଆରାମ ମିଳିବ ।

## ନଡିଆ ପାଣି ମହୁର ଉପକାରିତା

**ଆମ** ଭିତରେ ଅନେକ ନଡିଆ ପାଣି ପିଇବାକୁ ବହୁତ ଭଲ ପାଆନ୍ତି । ନଡିଆ ପାଣିରେ ମହଜୁଦ୍ ପୌଷ୍ଟିକ ତତ୍ତ୍ୱ ଆଜିର ଦୂଷିତ ବାତାବରଣରୁ ରକ୍ଷା କରିଥାଏ । ସଂକ୍ରମିତ ଜୀବାଣୁକୁ ଶରୀର ମଧକୁ ପ୍ରବେଶ କରିବାରୁ ରୋକିଥାଏ । ଏହାଛଡ଼ା ନଡିଆ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା



ବୃଦ୍ଧି ପାଇଥାଏ । କିନ୍ତୁ ଜାଣନ୍ତି, ଏହି ନଡିଆ ପାଣିରେ ଏକ ଚାମଚ ମହୁ ମିଶାଇ ପିଇଲେ ଶରୀରକୁ ବିଶେଷ ଲାଭ ମିଳିଥାଏ । ନଡିଆ ପାଣି ଓ ମହୁ ମିଶା ପାଣି ପିଇବା ଦ୍ୱାରା ପେଟ ଜ୍ୱଳନ, ଅମ୍ଳଦୋଷ ଭଳି ପାଚନ ସମ୍ବନ୍ଧୀୟ ସମସ୍ୟାରୁ ତୁରନ୍ତ ଆରାମ ମିଳିଥାଏ । ଏହାକୁ ନିୟମିତ ପିଇଲେ ରୋଗ ପ୍ରତିରୋଧକ କ୍ଷମତା ଦୃଢ଼ ହୋଇଥାଏ । ଏଥିରେ ଭିଟାମିନ ସି' ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ରୋଗ ପ୍ରତିରୋଧକ କ୍ଷମତାକୁ ମଜଭୁତ୍ କରିଥାଏ । ବୟସ ବଢ଼ିବା ସହ ଶରୀରରେ ଫ୍ରି ରାଡିକାଲ ବୃଦ୍ଧି ପାଇଥାଏ । ଏହାଦ୍ୱାରା ଚେହେରାରେ କୁଞ୍ଚନ ଚାଲିଆସେ । ଏ ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ନଡିଆ ପାଣି ମହୁ ମିଶାଇ ପିଇପାରିବେ । ଏହି ପେୟରେ ମହଜୁଦ୍ ଫାଇବର କୋଷ୍ଠକାଠିନ୍ୟ ସମୟରେ ମଳଦ୍ୱାରରେ ସୃଷ୍ଟ ଯନ୍ତ୍ରଣାରୁ ଲାଘବ ଦେଇଥାଏ ।

## ଆପଣ ଜାଣନ୍ତି କି ?

- ଗୋଲାପର ଜନ୍ମ ପଞ୍ଚତିରିଶ ନିୟୁତ ବର୍ଷ ପୁରୁଣା । ପାଞ୍ଚ ହଜାର ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ଗୋଲାପର ଉଦ୍ୟାନ କୃଷି ଆରମ୍ଭ ହୋଇଥିଲା । ଗୋଲାପ ପ୍ରଜାତି ସଂଖ୍ୟା ଦେଢ଼ ଶହରୁ ଅଧିକ ।
- 'ଜୁଲିଏଟ୍ ରୋଜ୍' ବିଶ୍ୱର ସବୁଠାରୁ ମହଙ୍ଗା ଗୋଲାପ । ଇଂଲଣ୍ଡର ଡେଭିଡ୍ ଅଷ୍ଟିନ୍ ୨୦୦୬ ରେ ଏହା ବିକଶିତ କରାଇଥିଲେ । ଏଥି ପାଇଁ ପନ୍ଦର ବର୍ଷ ସମୟ ଏବଂ ତେତିଶ କୋଟି ଟଙ୍କା ବ୍ୟୟ ହୋଇଥିଲା ।
- ଗୋଲାପ ବୃକ୍ଷ ଉଚ୍ଚତାରେ ସାତ ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଆମେରିକାର ଟମ୍ବଷ୍ଟନ୍ ସହରରେ ଥିବା 'ଲେଡି ବେଙ୍କସ୍ ରୋଜ' ପ୍ରଜାତିର ଗୋଲାପ ବୁଦା ବିଶ୍ୱର ସବୁଠାରୁ ବଡ଼ । ଏହାର ଗଣ୍ଡି ସାଢ଼େ ତିନି ମିଟର୍, ଆଠ ଶହ ମିଟର ଅଞ୍ଚଳରେ ପରିବ୍ୟାପ୍ତ, ଫୁଲ ସଂଖ୍ୟା ପ୍ରାୟ ଦୁଇ ଲକ୍ଷ ।
- ଜର୍ମାନିର ଏକ ଗିର୍ଜା କାନ୍ଥରେ ଥିବା ଗୋଲାପ ବୃକ୍ଷ ହଜାରେ ବର୍ଷ ପ୍ରାଚୀନ ।
- ତୁର୍କିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କଳା ଗୋଲାପ ଦେଖିବାକୁ ମିଳେ ।
- ଗୋଲାପ ଭିଟାମିନ୍ 'ସି'ରେ ସମୃଦ୍ଧ । ସାଲାଡ୍, କେକ୍, ଜେଲି, ଜାମ୍, ଚକଲେଟ୍ ଆଦି ପ୍ରସ୍ତୁତିରେ ଗୋଲାପ ପାଖୁଡା ବ୍ୟବହାର କରାଯାଏ ।
- ସବୁ ଗୋଲାପ ପାଞ୍ଚ ପାଖୁଡା ହୋଇଥିବା ବେଳେ 'ରୋଜା ସେରିସିଆ' ପ୍ରଜାତିର ଗୋଲାପ ଚାରି ପାଖୁଡା ବିଶିଷ୍ଟ । ଏହା ହିମାଳୟ ଏବଂ ଏହାର ଆଖପାଖ ଇଲାକାରେ ବଢ଼େ ।
- ପ୍ରେମ, ପ୍ରଣୟ, ଅନୁରାଗ ଅଭିଳାଷ, ସୌନ୍ଦର୍ଯ୍ୟ ଓ ଶାନ୍ତିର ପ୍ରତୀକ ଗୋଲାପ ।

## କହିପାରିବେ କି ?

୧) ସୁଗ୍ରୀବଙ୍କ ପିତାଙ୍କ ନାମ କ'ଣ ?
(୨) ମହାଭାରତରେ ସୁଷେଣ କାହାର ପୁତ୍ର ?
(୩) ରାଣୀ କୈଶଲ୍ୟାଙ୍କ ଦାସୀଙ୍କ ନାମ କ'ଣ ?
(୪) ବୃହସ୍ପତିଙ୍କ ପତ୍ନୀ କିଏ ?
(୫) ଭଗବାନ ଶ୍ରୀରାମ କେଉଁ ରାଶିରେ ଜନ୍ମ ଗ୍ରହଣ କରିଥିଲେ ?
(୬) ଆମେରିକାକୁ କେଉଁ ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାର ଦେଇଥିଲା ?
(୭) ମୋନାଲିସା ଚିତ୍ର କିଏ ଆଙ୍କିଥିଲେ ?
(୮) ଗ୍ରୀକ୍ ସଙ୍ଗୀତ ଦେବତାଙ୍କ ନାମ କ'ଣ ?
(୯) ଟେଲିଫୋନ୍ କିଏ ଉଦ୍ଭାବନ କରିଥିଲେ ?
(୧୦) ତରଭୁଜ ମୂଳତଃ କେଉଁ ଠାରୁ ଆସିଥିଲା ?

### JUMBLE WORDS

| | | | |
|---|---|---|---|
| 1) MEEEC | = | 6) SIDYA | = |
| 2) RYFTO | = | 7) PCEDTI | = |
| 3) RRYATO | = | 8) DMSETO | = |
| 4) SKOPNE | = | 9) WGLRO | = |
| 5) TUYHO | = | 10) MTVHP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଟାଇମ୍ସ ଅଫ୍ ଇଣ୍ଡିଆ, ୨.ରାମ ମାଧବ, ୩.ବଜରଙ୍ଗ ପୁନିଆ, ୪. କ୍ରିକେଟ୍, ୫.ବ୍ରିରାଟ ପର୍ବ, ୬. ସେପ୍ଟେମ୍ବର, ୭. ଉଜ୍ଜୈନ, ୮. ଶିଳା, ୯. ଭିଟାମିନ୍ -ଡି, ୧୦. ନୀଳଗିରି ପାହାଡ଼ ।

***Jumble Words*** ର ଉତ୍ତର **:-**

(1) HECTIC (2) INCOME (3) UPEND (4) ONION (5) HUBCAP (6) METHOD (7) TEMPT (8) TIGER (9) HOOPLA (10) LOOSEN.

# ହନୁମାନଙ୍କ ରୋମ ରୋମରେ ରାମ

ହନୁମାନ ରାମଙ୍କର ଅତି ପ୍ରିୟ ଥିଲେ । ସେ ସର୍ବଦା ସାଙ୍ଗରେ ରହୁଥିବା ଭକ୍ତ ଥିଲେ । ରାମ ପଞ୍ଚାୟତରେ କୁଟୁମ୍ବ ଦୃଷ୍ଟିରୁ ତ ଚାରି ଭାଇ ତଥା ସୀତା ମିଶି ପାଞ୍ଚ ହେଉଥିଲେ, କିନ୍ତୁ ସ୍ଥାପନାଗୁଡିକରେ ହନୁମାନଙ୍କୁ ବି ରଖାଯାଇଛି । ରାମ ପଞ୍ଚାୟତ ହେଲେ ମଧ ତାହାର ସଦସ୍ୟଙ୍କ ସଂଖ୍ୟା ପାଞ୍ଚରୁ ବଢ଼ି ଛଅ ହୋଇଯାଏ, ଯଦିଓ ହନୁମାନ ରଘୁବଂଶୀ ନ ଥିଲେ । ହନୁମାନଙ୍କ ଭକ୍ତିର ଏହା ପରମ ଉପଲବ୍ଧି ଅଟେ । ରାମାବତାରର କେବଳ ନିକଟତମ ହେବା ହିଁ ନୁହେଁ, ବରଂ ତାହାର ସୂତ୍ର ସଞ୍ଚାଳକ ମଧ ହୋଇଯିବା ଏହି ଉପଲବ୍ଧିର ପରିଚୟ ଅଟେ ।

ଉକ୍ତ ସ୍ଥିତି ସେହି ଚିତ୍ରରେ ଆହୁରି ବି ମୁଖର ହୋଇଛି, ଯେଉଁଥିରେ ହନୁମାନଙ୍କୁ ବିଶାଳକାୟ ଦେଖାଯାଇଛି ଓ ରାମ ଲକ୍ଷ୍ମଣ ତାଙ୍କର ଦୁଇ କାନ୍ଧ ଉପରେ ଛୋଟ ବାଳକଙ୍କ ପରି ଦେଖାଯାଉଛି । ତାତ୍ପର୍ଯ୍ୟ ହେଲା ସେହି ଉତ୍ତରଦାୟିତ୍ୱଗୁଡିକୁ ବହନ କରିବା, ଯାହା ରାମ ଲକ୍ଷ୍ମଣଙ୍କ ଦ୍ୱାରା ନିର୍ବାହ କରାଯାଇଥିବା ବୁଝାଯାଏ । ହନୁମାନଙ୍କୁ ଏହି ସାହସିକ ଶ୍ରଦ୍ଧାର ପରିଣାମ ମଧ ବ୍ୟାପକ କୃତଜ୍ଞତା ରୂପେ ମିଳିଛି ।

ଭାରତରେ ଦେଖାଯାଉଥିବା ରାମ ମନ୍ଦିରଗୁଡିକ ତୁଳନାରେ ହନୁମାନ ମନ୍ଦିରଗୁଡିକର ସଂଖ୍ୟା ପ୍ରାୟ ଦଶ ଗୁଣ ଅଧିକ । ଏହାର ତାତ୍ପର୍ଯ୍ୟ ରାମଙ୍କ ପ୍ରତି ଅଶ୍ରଦ୍ଧା ନୁହେଁ, ବରଂ ହନୁମାନଙ୍କ ନିଷ୍ଠା ପ୍ରତି କୃତଜ୍ଞତାର ପ୍ରକଟୀକରଣ ଅଟେ । ଏହି ମାନ୍ୟତା ବା ପ୍ରତିଷ୍ଠା ହନୁମାନଙ୍କୁ ଉପହାରରେ ମିଳି ନ ଥିଲା । ଏଥିପାଇଁ ତାଙ୍କୁ ନିଜକୁ ବିଗଳିତ କରିବା, କଣ କଣକୁ ଜଳାଇବାକୁ ପଡିଥିଲା । ହନୁମାନ ନିଜର ରୋମ ରୋମରେ ରାମଙ୍କୁ ବସାଇ ନେଇଥିଲେ । ରାମ କାଜୁ କୀନ୍‌ହେଂ ବିନୁ ମୋହି କହାଁ ବିଶ୍ରାମ' । ଏହି ଘୋଷଣା ତାଙ୍କ ଶ୍ୱାସ ପ୍ରଶ୍ୱାସରେ ଲାଗି ରହୁଥିଲା । ନିଜର ସମଗ୍ର ଚେତନା ଓ ତତ୍ପରତାର ସହିତ ସ୍ୱୟଂକୁ ନିଜର ଇଷ୍ଟ ପ୍ରଭୁ ରାମଙ୍କ ପାଇଁ ନିୟୋଜନ କରିବା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା । ତାଙ୍କ ହୃଦୟରେ କୌଣସି ବ୍ୟକ୍ତିଗତ ଇଚ୍ଛା ଓ ମହତ୍ତ୍ୱାକାଂକ୍ଷା ନ ଥିଲା । ଏକାତ୍ମର ସ୍ଥିତିରେ ବ୍ୟକ୍ତିଗତ ଲିପ୍‌ସା ଲାଳସା ବିସର୍ଜନ କରିବାକୁ ପଡ଼ିଥାଏ । ସୀତାଙ୍କୁ ଏହି ବସ୍ତୁ ସ୍ଥିତି ଥରେ ସେ ହୃଦୟ ଚିରି ଦେଖାଇ ଥିଲେ । ରାମ ଅଯୋଧା ଫେରିବା ପରେ ଗୁରୁ ବଶିଷ୍ଠଙ୍କ ସାମନାରେ ନିଜର ସମସ୍ତ ସଫଳତାର ଶ୍ରେୟ ହନୁମାନଙ୍କୁ ଦେଇ ତାଙ୍କୁ ଭରତଙ୍କ ସମାନ ପ୍ରାଣପ୍ରିୟ କହିଥିଲେ । ଏହି ଉଭୟ ପକ୍ଷୀୟ ଆତ୍ମୀୟତା ଏକ୍ଷତ ସଘନ କିପରି ହୋଇ ପାରିଲା, ଏଥିରେ ଭାବୁକତାର ଆଧାର ଭଳି କୌଣସି କାରଣ ନ ଥିଲା । ଏହାର ମୂଳରେ ସେହି ସାଧନାର ଚମତ୍କାର ଥିଲା, ଯାହା ଇଷ୍ଟଦେବଙ୍କ ଧାନ ପୂଜନ କରିବା ପର୍ଯ୍ୟନ୍ତ ସୀମିତ ନ ଥିଲା, ବରଂ ତାଙ୍କର ଇଚ୍ଛାକୁ ନିଜର ଇଚ୍ଛା କରିନେବା ବା ନିଜର ସାଧନଗୁଡିକୁ ସମର୍ପଣ କରି ତାଙ୍କର ଇଚ୍ଛାପୂର୍ତ୍ତିରେ ଲଗାଇ ଦେବା ଥିଲା । ରାମଙ୍କ ସହିତ ହନୁମାନଙ୍କର ସମ୍ପର୍କ ଯେଉଁ ଦିନ ହେଲା, ସେହି ଦିନ ଠାରୁ ଶେଷ ପର୍ଯ୍ୟନ୍ତ ସେ ତାଙ୍କର ଛୋଟ ବଡ଼ କାର୍ଯ୍ୟଗୁଡିକରେ ନିରତ ରହିଲେ । ତାଙ୍କ ଜୀବନରେ ଅନ୍ତ କେବେ ଆସିଲା ନାହିଁ, କାରଣ ସେ ଚିରଜୀବୀ ଅଟନ୍ତି । ସେ ନିଜ ଇଷ୍ଟଙ୍କ ପାଇଁ କରିଥିବା ସମସ୍ତ କାମର ତ ଗଣନା କରିବା କଠିନ, କିନ୍ତୁ ସେଥି ମଧରୁ ୫ଟି କାମ ପ୍ରମୁଖ । ପ୍ରଥମ ନିଜର ସମସ୍ତ ସେବା ରାମ କାର୍ଯ୍ୟରେ ଲଗାଇବା ପାଇଁ ସୁଗ୍ରୀବଙ୍କୁ ସମ୍ମତ କରିନେବା । ଦ୍ୱିତୀୟ ସୀତାଙ୍କ ଠାବ ବିନା ଫେରି ନ ଆସିବାର ସଂକଳ୍ପ ନେବା ଓ ତାହାକୁ ନିର୍ବାହ କରିବା । ତୃତୀୟ ସମୁଦ୍ର ଲଘଂିବା ଓ ଲଙ୍କାଦହନର ଦୁଃସାହସ ଏକାକୀ କରିବା । ଚତୁର୍ଥ - ଲକ୍ଷ୍ମଣଙ୍କୁ ଜୀବିତ କରିବା ପାଇଁ ସୁଷେଣ ବୈଦ୍ୟଙ୍କୁ ଅପହରଣ କରି ଆଣିବା ଏବଂ ପର୍ବତ ସମେତ ସଂଜୀବନୀ ବୁଟି ଆଣି ଉପସ୍ଥିତ କରାଇବା ତଥା ପଞ୍ଚମ କାମ ରାମରାଜ୍ୟର ସ୍ଥାପନା ଓ ଅଶ୍ୱମେଧ ଭଳି ପ୍ରୟୋଜନଗୁଡିକରେ ଶେଷ ପର୍ଯ୍ୟନ୍ତ ଲାଗି ରହିବା ।

ଏହିପରି ଆହୁରି ଅନେକ କାମ ଅଛି, ଯେଉଁଥିରେ ଲାଗି ରହିବା କାରଣରୁ ରାମକଥାର ନାୟକ 'ରାମଙ୍କ ଠାରୁ ଅଧିକ ରାମଙ୍କ ଦାସ'ର ଭକ୍ତି ଦୋହରାନ୍ତି । ଅବତାରୀ ସତ୍ତାମାନେ ସୃଷ୍ଟିର ସନ୍ତୁଳନ କରିବା ବ୍ୟତୀତ ନିଜର ସହଚରମାନଙ୍କୁ ଶ୍ରେୟ ଦେବାର କାମ ମଧ କରନ୍ତି । ଶବରୀ, କେଉଟ, ଭରତ, ଲକ୍ଷ୍ମଣ, ଉର୍ମିଳା, ବିଭୀଷଣ, ଭଲ୍ଲୁକ, ବାନର, ଗୃଧ, ଗୁଣ୍ଡୁଚି ଭଳି ସହଯୋଗୀମାନଙ୍କ ଚର୍ଚ୍ଚା କରିବା ସମୟରେ ମଧ ଜନ ଜନଙ୍କ ଭାବଶ୍ରଦ୍ଧା ଉଚ୍ଛୁଳି ଥାଏ ଓ ଆଖିରୁ ଅଶ୍ରୁଧାର ହୋଇ ବହିଥାଏ । ରାମକଥା ମଧରୁ ଏହି ପ୍ରସଙ୍ଗଗୁଡିକୁ ହଟାଇ ଦେଲେ ସେଥିରେ କେବଳ ସାଧାରଣ ଗତିବିଧି ହିଁ ରହିଯାଏ । ସେହି ଅମୃତର ଅସ୍ତିତ୍ୱ ହିଁ ସମାପ୍ତ ହୋଇଯାଏ, ଯେଉଁ କାରଣରୁ ରାମକଥାର ମହିମା, ଗରିମା ବଖାଣ କରାଯାଏ । ଅବତାରମାନଙ୍କ ମଧରେ ଅନେକ ସମାନତା ରହିଥାଏ । ହନୁମାନଙ୍କ ଉପରୋକ୍ତ ପାଞ୍ଚଟି ନିର୍ଦ୍ଧାରଣକୁ କାର୍ଯ୍ୟକାରୀ କରିବା ଓ ସଫଳ କରାଇବାର ସଂକଳ୍ପ ନିଜ କାନ୍ଧ ଉପରକୁ ନେବାକୁ ପଡିଥାଏ । ଶ୍ରଦ୍ଧା ଦ୍ୱାରା ପ୍ରେରିତ ଏହି ସାହସକୁ ଗ୍ରହଣ କରିବାରେ ଅନେକ କୁସଂସ୍କାର ଓ ବାହ୍ୟ ଚାପ ତଥା ଅବରୋଧ ସହିତ ସେହିପରି ଲଢିବାକୁ ପଡ଼ିଥାଏ, ଯେପରି ପବନପୁତ୍ରଙ୍କୁ ସିଂହିକା, ସୁରସା ଆଦିଙ୍କ ସହିତ ଲଢ଼ିବାକୁ ପଡ଼ିଥିଲା । ରାମଙ୍କୁ ରୋକିବା ପାଇଁ ବି ସେମାନେ ତାଡ଼କା, ସୁର୍ପଣଖା ହୋଇ ଆସିଥିଲେ । ଯେବେ ଉତ୍କୃଷ୍ଟତାର ମାର୍ଗ ରୋକିବାକୁ ସେହି ଦୁଷ୍ଟ ଶକ୍ତିମାନେ ପଛଘୁଞ୍ଚା ଦେଉ ନାହାନ୍ତି, ତ ରାମଭକ୍ତମାନଙ୍କ ମାର୍ଗ କିପରି ବର୍ତ୍ତି ପାରିବ ? ସେମାନଙ୍କ ମଧରୁ ପ୍ରତ୍ୟେକକୁ କେବଳ ନିଜର ଲୋଭ ଲିପ୍‌ସା ହିଁ ନୁହେଁ, ବରଂ ନାନା ପ୍ରକାର ସମସ୍ୟା ପରିସ୍ଥିତିରୁ ନିଜ ନିଜ ଢ଼ଙ୍ଗରେ ମୁକୁଳିବାକୁ ପଡ଼ିଥାଏ ।

ଅଗ୍ନିପରୀକ୍ଷା ବିନା ସୁବର୍ଣ୍ଣର ଶୁଦ୍ଧତା ସିଦ୍ଧ ହୋଇ ନ ଥାଏ । ହନୁମାନ ଜଣେ ସଚ୍ଚା ଭକ୍ତ ଥିଲେ । ତାଙ୍କ ଜୀବନର ଲକ୍ଷ୍ୟ ଥିଲା ପ୍ରଭୁ ରାମଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରିବା । ସେ ସ୍ୱୟଂକୁ ସମର୍ପିତ କରି ହିଁ ରାମଭକ୍ତ ହନୁମାନ ବୋଲାଇ ପାରିଲେ ।

## ସର୍ବଧର୍ମ ମହାସଭାର... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ବେଦର ମନ୍ତ୍ରଦ୍ରଷ୍ଟା ଓ ବାଇବେଲର ଈଶ୍ୱରୀୟ ସନ୍ଦେଶବାହକ ଉଭୟଙ୍କ ଭାବ ଏକାପରି । ତାଙ୍କ ଭିତରେ ଦେଶ, କାଳ ଓ ପରିସ୍ଥିତି ଅନୁସାରେ କେବଳ ଭାଷାର ଅନ୍ତର ହିଁ ଦେଖାଯାଇ ଥାଏ ।

ଇସଲାମର ସର୍ବମାନ୍ୟ ଗ୍ରନ୍ଥ ହେଉଛି, 'କୋରାନ ଶରୀଫ' । ବେଦ ପରି 'କରୋନା'କୁ ମଧ ଈଶ୍ୱରଙ୍କ ଦ୍ୱାରା ପ୍ରେଷିତ ଜ୍ଞାନ ମନେ କରାଯାଏ । ସନାତନ ବୈଦିକ ମତରେ ଗାୟତ୍ରୀ ମହାମନ୍ତ୍ରକୁ ଯେପରି ଗୁରୁତ୍ୱ ଦିଆଯାଇଛି । ସେହିପରି ଇସଲାମରେ ସୋଲୋମନ କହିଲେ- 'ସୂରହ ଫାତିହା' ଅଥବା 'ଅଲ ହମ୍‌ଦ ଶରୀଫ'ର ମହତ୍ତ୍ୱ ରହିଛି ।

ସନ୍ଥ ବିନୋବା ଭାବେ କୋରାନ୍ ଅନୁସାରେ 'ରୁହଲ କୋରାନ୍' ଅର୍ଥାତ୍ 'କୋରାନ୍ ସାର'ରେ ସୂରହ ଫାତିହାକୁ କୋରାନର ମଙ୍ଗଳାଚରଣ କହିଛନ୍ତି । ଇସଲାମର ପ୍ରତ୍ୟେକ ମହତ୍ତ୍ୱପୂର୍ଣ୍ଣ ପ୍ରାର୍ଥନାରେ 'ଫାତିହା'କୁ ସାମିଲ କରାଯାଏ । ଗାୟତ୍ରୀ ମନ୍ତ୍ରକୁ ବେଦମାତାର ସଂଜ୍ଞା ଦିଆଯାଇଛି ତ 'ସୂରହ ଫାତିହା'କୁ ମଧ 'ଅମ୍ମୁଲ କିତାବ' (ଜ୍ଞାନର ମା') କୁହାଯାଇଛି ।

ଡା. ମହମ୍ମଦ ହନିଫ ଖାଁ ଶାସ୍ତ୍ରୀ, ଦରଭଙ୍ଗା, ବିହାରର କାମେଶ୍ୱର ସିଂହ ଦରଭଙ୍ଗା ବିଶ୍ୱବିଦ୍ୟାଳୟରୁ 'ମହାମନ୍ତ୍ର ଗାୟତ୍ରୀ ଓ ସୁରହ ଫାତିହା' ବିଷୟରେ ସଂସ୍କୃତରେ ପିଏଚ.ଡି. କରିଛନ୍ତି । ଏହି ନାମରେ ତାଙ୍କର ପୁସ୍ତକ ହିନ୍ଦୀରେ ବି ପ୍ରକାଶିତ ହୋଇଛି । ସେଥିରେ ସେ ଲେଖିଛନ୍ତି- ସୁରହ ଫାତିହା ଗାୟତ୍ରୀ ମନ୍ତ୍ର ଠାରୁ ଅଲଗା ନୁହେଁ । ଯଦି ଦ୍ୱେଷରହିତ ଓ ଉଦାରତା ପୂର୍ବକ ଏହାର ବାକ୍ୟାଂଶଗୁଡ଼ିକ ଉପରେ ବିଚାର କରାଯାଏ ତ 'ସୂରହ ଫାତିହା' ସୂତ୍ର ରୂପେ ଗାୟତ୍ରୀ ମନ୍ତ୍ରର ବ୍ୟାଖ୍ୟା ସ୍ୱରୂପ ଅଟେ । ଡା. ହନିଫ ଶାସ୍ତ୍ରୀ ବିସ୍ତାର ପୂର୍ବକ ଉଭୟ ମନ୍ତ୍ରର ବିଭିନ୍ନ ଚରଣର ସମୀକ୍ଷା କରି ସେଗୁଡ଼ିକୁ ପରସ୍ପରର ଅନୁରୂପ ପ୍ରମାଣିତ କରିଛନ୍ତି । ସଂକ୍ଷେପରେ ଏହି ତଥ୍ୟକୁ ଏଠାରେ ସ୍ପଷ୍ଟ କରିବାର ପ୍ରୟାସ କରାଯାଉଛି । ସୁରହ ଫାତିହା ଅର୍ଥ ସହିତ ଏହିପରି-

ବିସ୍ମିଲ୍ଲାରହମାନର୍ରହୀମ- ଆଲ୍ଲାଙ୍କ ନାମରୁ ଆରମ୍ଭ କରିବା, ଯିଏ ଅତ୍ୟନ୍ତ ଦୟାଳୁ ଓ କୃପାଳୁ । ଏହି ସୂତ୍ରକୁ ଗାୟତ୍ରୀ ମହାମନ୍ତ୍ରର ଶୀର୍ଷ ''ଓଁ ଭୁର୍ଭୁବଃ ସ୍ୱ' ଅନୁରୂପ ମନେ କରାଯାଏ । 'ଓଁ' ଅକ୍ଷର ପରମେଶ୍ୱରଙ୍କ ବାଧକ । ତାଙ୍କୁ ଗୁଣଗୁଡ଼ିକ ରୂପେ ପ୍ରାଣସ୍ୱରୂପ, ଦୁଃଖନାଶକ, ସୁଖସ୍ୱରୂପ କୁହାଯାଇଛି । ଇସଲାମ ତାଙ୍କୁ ଦୟାଳୁ ଓ କୃପାଳୁ ରୂପେ ସ୍ମରଣ କରିବାର ନିବେଦନ କରିଛି । ଅଲହମ୍ମଦ୍ ଲିଲ୍ଲାହର୍‌ବିଲ ଆଲମୀନ- ଅର୍ଥାତ୍ ସମସ୍ତ ପ୍ରଶଂସା-ସ୍ତୁତି ଆଲ୍ଲାଙ୍କ ପାଇଁ, ଯିଏ ସାରା ବ୍ରହ୍ମାଣ୍ଡର ପାଳନ- ପୋଷଣକାରୀ ଅଟନ୍ତି । ଏହି ସୂତ୍ର ଗାୟତ୍ରୀ ମନ୍ତ୍ରର ପ୍ରଥମ ଚରଣ 'ତତ୍ସବିତୁର୍ବରେଣ୍ୟ' ଅନୁରୂପ । ସବିତା- ସମସ୍ତଙ୍କର ପାଳନ, ପୋଷଣକାରୀ ପରମାତ୍ମା ହିଁ ବରଣୀୟ, ପ୍ରଶଂସନୀୟ ।

ଅର୍‌ହମାନର୍‌ହୀମ ମାଲିକୀୟୋମିଦ୍‌ଦୀନ- ସେ ଦୟା-କୃପାର ବର୍ଷାକାରୀ ଓ ଅନ୍ତିମ ନ୍ୟାୟକାରୀ ଅଟନ୍ତି । ଏହାକୁ ଗାୟତ୍ରୀ ମନ୍ତ୍ରର ଦ୍ୱିତୀୟ ଚରଣ 'ଭର୍ଗୋ ଦେବସ୍ୟ ଧୀମହି ସମକକ୍ଷ ମନେ କରାଯାଏ । ଦୟାଳୁ ଦେବଙ୍କର ଭର୍ଗ-ତେଜ, ତାଙ୍କ ସାମର୍ଥ୍ୟର ହିଁ ଧାନ କରନ୍ତୁ । ସେ ଆମର ପାପଗୁଡ଼ିକୁ ନଷ୍ଟ କରି ଆମ ଭିତରେ ଦେବତ୍ୱକୁ ବିକଶିତ କରି ପାରିବେ । ଇୟାକ୍‌ନଅବୁଦୁ ଓ୍ୱ ଇୟ୍ୟାକ ନସ୍ତଇନ- ଆମେ ତୁମର ଭକ୍ତି କରୁଛୁ ଓ ତୁମ ଠାରୁ ସହାୟତା ଚାହୁଁଛୁ । ଏହି ସୂତ୍ର ମଧ ଉପର୍ଯ୍ୟୁକ୍ତ ସୂତ୍ରର ହିଁ ପୂରକ । ସେହି ଦିବ୍ୟ ତେଜ ସମ୍ପନ୍ନଙ୍କ ଶରଣକୁ ଯାଇ ତାଙ୍କ ଠାରୁ ଆଶା ରଖିବା ବ୍ୟକ୍ତି ହିଁ ସଚ୍ଚା ଭକ୍ତ ବୋଲାଇଥାଏ । ତାଙ୍କ ଠାରୁ ଆମେ କ'ଣ ଆଶା ଅପେକ୍ଷା-ପ୍ରାର୍ଥନା କରିବା ?

ଇହିଦି ନସ୍‌ସିରାତ୍ତଲମୁସ୍ତକୀମ୍ - ଅର୍ଥାତ୍ ହେ ପରମେଶ୍ୱର ! ଆମକୁ ସିଧା ରାସ୍ତାରେ ଚଲାଅ । ଏହି ସୂତ୍ର ଗାୟତ୍ରୀ ମନ୍ତ୍ରର ତୃତୀୟ ଚରଣ 'ଧିୟୋ ୟୋ ନଃ ପ୍ରଚୋଦୟାତ୍'ର ସମାନାର୍ଥକ । ମନୁଷ୍ୟ ସଂସାର ଦ୍ୱାରା ପ୍ରଭାବିତ ହୋଇ ତାହା ଠାରୁ ପ୍ରେରଣା ନେବାରେ ଲାଗେ ଓ ଭ୍ରମିତ ହୋଇଯାଏ । ଈଶ୍ୱର ଆମକୁ ଭ୍ରମିତ ହେବାକୁ ନ ଦିଅନ୍ତୁ । ଆମକୁ ପ୍ରଗତି ଓ ସଦ୍‌ଗତିର ପରମ ଲକ୍ଷ୍ୟ ଦିଗରେ ସିଧା ରାସ୍ତାରେ ଚଲାନ୍ତୁ ଏହି ପ୍ରାର୍ଥନା ସଚ୍ଚା ଭାବରେ କରାଯିବା ଉଚିତ । ଏହି ସୂତ୍ରରେ ମଧ 'ମୁଁ' ସ୍ଥାନରେ ଆମ ସମସ୍ତଙ୍କ ପାଇଁ ପ୍ରାର୍ଥନା କରାଯାଇଛି ।

ସୂରହ ଫାତିହାର ଏହି ସୂତ୍ରଗୁଡ଼ିକରେ ଗାୟତ୍ରୀ ମହାମନ୍ତ୍ରର ପୂରା ଭାବ ପ୍ରକାରାନ୍ତରେ ସମାବିଷ୍ଟ ହୋଇଯାଏ । ତାହାର ପରବର୍ତ୍ତୀ ଆହୁରି ଦୁଇଟି ଚରଣ ଅଛି, ଯାହା ସେହି ସିଧା ରାସ୍ତାକୁ ମଧ ସ୍ପଷ୍ଟ କରିବା ପାଇଁ କୁହାଯାଇଛି । ସିରାତଲଜୀନ୍ ଅନଅମ୍‌ତ ଅଲୈହିମ୍ ଅର୍ଥାତ୍- ହେ ପ୍ରଭୁ ! ଆମକୁ ସେହି ଲୋକମାନଙ୍କ ରାସ୍ତାରେ ଚଲାଅ, ଯାହା ଉପରେ ଚାଲୁଥିବା ପଥିକଙ୍କ ଉପରେ ତୁ ଅସୀମ ଅନୁଦାନ ବର୍ଷା କରିଥାଉ । ଗୈରିଲମଗଜୂବି ଅଲୈହିମ ତଲଜ୍ଜବାଲ୍ଲୀନି - ଅର୍ଥାତ୍ ସେହି ଲୋକମାନଙ୍କ ରାସ୍ତାରେ ଚଲାଅ ନାହିଁ, ଯେଉଁମାନେ ଭ୍ରମିତ ହୋଇ ଯାଇଛନ୍ତି ଏବଂ ତାର କୋପ ଭୋଜନ ହୋଇଛନ୍ତି ।

ସୂରହ ଫାତିହାର ସୂତ୍ରଗୁଡ଼ିକୁ ବୁଝିନେଲେ ତାହାକୁ ଗାୟତ୍ରୀ ମନ୍ତ୍ରର ପୂରକ ମାନିନେବାର କୌଣସି କଠିନତା ହେବା ଅନୁଚିତ । ସୂରହ ଫାତିହାର କଳେବର ଗାୟତ୍ରୀ ମନ୍ତ୍ରଠାରୁ ବଡ଼ ହୋଇ ଯାଇଛି, କାରଣ ଦେଶ, କାଳ ଅନୁସାରେ ମୂଳ ଭାବକୁ କିଛି ଅଧିକ ସ୍ପଷ୍ଟ କରିବାର ଆବଶ୍ୟକତା ବୁଝାଯାଇଛି । ପୂରା କଥାକୁ ବୁଝି ଜପ ବା ଲିଖନ ସାଧନା ସକାଶେ ସୀମିତ ସୂତ୍ରଗୁଡ଼ିକ (ସୂତ୍ର ୩, ୪, ୫ ଅର୍ରହମାନ ଠାରୁ ମୁସ୍ତକୀମ ପର୍ଯ୍ୟନ୍ତ)ର ପ୍ରୟୋଗ କରାଯାଇ ପାରେ ।

ଇସଲାମର ଅନେକ ବିଦ୍ୱାନ୍ ଗାୟତ୍ରୀ ମନ୍ତ୍ରର ଭାବ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଓ ସେମାନେ ତାହାର ଭାବକୁ ଉର୍ଦ୍ଧ କବିତା ରୂପେ ବ୍ୟକ୍ତ କରିଛନ୍ତି । 'ସାରେ ଜହାଁ ସେ ଅଚ୍ଛା ହିନ୍ଦୋସ୍ତା ହମାରା' ଗୀତର ରଚନାକାର ଅଲ୍ଲାମା ମହମ୍ମଦ ଇକ୍‌ବାଲଙ୍କ ଗ୍ରନ୍ଥାବଳୀ 'କୁଲ୍ଲୀୟାତ ଇକବାଲ'ର ପୃଷ୍ଠା କ୍ରମାଙ୍କ ୨୦ରେ ଗାୟତ୍ରୀ ଶୀର୍ଷକର ରଚନା ପ୍ରକାଶିତ ହୋଇଛି । ଉର୍ଦ୍ଦୁ ପତ୍ରିକା 'ହମାରୀ ଜୁବାନ'ର ସନ ୧୯୯୪ ମଇ ସଂଖ୍ୟାର ପୃଷ୍ଠା କ୍ରମାଙ୍କ ୬ରେ 'ସାବିର ଅବୋହରୀ' ଦ୍ୱାରା କରାଯାଇଥିବା ଗାୟତ୍ରୀ ମନ୍ତ୍ରର ଉର୍ଦ୍ଦୁ ପଦ୍ୟାନୁବାଦ ପ୍ରକାଶିତ ହୋଇଥିଲା । ସେ ମଧ ଏହାକୁ ସୂରହ ଫାତିହା ସହିତ ମିଶି ଯାଉଥିବା କହିଛନ୍ତି । ଉକ୍ତ ଆଧାରରେ ମନୁଷ୍ୟ ମାତ୍ର ସକାଶେ ଉଜ୍ୱଳ ଭବିଷ୍ୟତର କାମନା କରି ସାଧନା-ପ୍ରାର୍ଥନା କରିବା ପାଇଁ ସମସ୍ତଙ୍କୁ ସହଜରେ ସହମତ କରାଯାଇ ପାରେ । ଏହିପରି ଯୁଗ ନିର୍ମାଣ ଅଭିଯାନର ସମର୍ଥ ଏକକ ବିଶ୍ୱର ପ୍ରତ୍ୟେକ କୋଣରେ ଗଠନ କରି ସକ୍ରିୟ କରାଯାଇ ପାରେ । ଏହି ପ୍ରକାର ଗାୟତ୍ରୀ ମହାମନ୍ତ୍ର ଗାୟତ୍ରୀ ମହାମନ୍ତ୍ର ସର୍ବଧର୍ମ ସମଭାବର ମନ୍ତ୍ର ଅଟେ ।

# ଲଖନପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଜେଡ଼ିରେ ଯୋଗଦେଲେ

ଝାରସୁଗୁଡ଼ା : ଲଖନପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସନତ ସିଂହ ବିଜେଡିରେ ଯୋଗ ଦେଇଛନ୍ତି । କାଳୀମନ୍ଦିର ରୋଡ୍ ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଉପସ୍ଥିତିରେ ଶ୍ରୀ ସିଂହଙ୍କ ସହ ତୁଳାଚାନ୍ଦ ଖମାରୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ଲବ ପ୍ରଧାନ ମଧ୍ୟ ଦଳରେ ସାମିଲ ହୋଇଥିଲେ । ନୂତନ ଭାବେ ଦଳରେ ସାମିଲ ହୋଇଥିବା ନେତାଙ୍କୁ ସ୍ୱାଗତ କରିବା ସହ ଦଳର ସାଂଗଠନିକ ଶକ୍ତି ଆଗକୁ ଆହୁରି ପାଇବ ବୋଲି ନିଜ ପ୍ରତିକ୍ରିୟାରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ନେତୃତ୍ୱରେ ରାଜ୍ୟର ଦ୍ରୁତତର ବିକାଶ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦୃଢ଼ ନେତୃତ୍ୱରେ ପ୍ରଭାବିତ ହୋଇ ଶ୍ରୀ ସିଂହ ବିଜେଡିରେ ଯୋଗ ଦେଇଥିବା କହିଥିଲେ । ପ୍ରକାଶଯୋଗ୍ୟ ଶ୍ରୀ ସିଂହ ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳରେ ଥିବା ସହ ଗତ କିଛି ବର୍ଷ ହେଲା ଦଳ ତ୍ୟାଗ କରିଥିଲେ । ଏ ଅବସରରେ ମିଶ୍ରଣ ପର୍ବରେ ବିଜେଡି ଲଖନପୁର ବ୍ଲକ ସଭାପତି ରବିରତ୍ନ ପ୍ରଧାନ, ଲଖନପୁର ପଞ୍ଚାୟତ ସମିତ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ବିଶ୍ୱନାଥ ନାୟକ (ମୁନା), ପୂର୍ବତନ ଅଧ୍ୟକ୍ଷ ଗୌତମ ପ୍ରଧାନ, ପ୍ରସନ୍ନ ପ୍ରଧାନ, ସଞ୍ଜିତ ପ୍ରଧାନ, ଶମ୍ଭୁ ମହାନ୍ତି, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ରାଜେନ୍ଦ୍ର ସାହୁ, ସଞ୍ଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# ପାହାଡ଼େଶ୍ୱର ବିକାଶ ପରିଷଦ ପକ୍ଷରୁ ସ୍ମୃତିସଭା

ଝାରସୁଗୁଡ଼ା : ପାହାଡ଼େଶ୍ୱର ବିକାଶ ପରିଷଦ ଆନୁକୂଲ୍ୟରେ ମନ୍ଦିର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ କିଶୋର ମହାନ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ଏଥିରେ ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ଅରୁଣ ଚଇନି, ପ୍ରଶାନ୍ତ ଜେନା, ଦେବେନ୍ଦ୍ର ମହାପାତ୍ର, ଅନନ୍ତ ପାଣ୍ଡେ, ଦେବାନନ୍ଦ ବାରିକ, ପାହାଡ଼େଶ୍ୱର ବିକାଶ ପରିଷଦର ସଂଗ୍ରାମ ମହାନ୍ତି, ଅଶୋକ ପରୁଆ, ବିଶାଳ ନାଗ, ମୁକେଶ ସାହ, ସୋନୁ ସୁନା, ରୋଶନ ପଟେଲ, ଗୌତମ ସିଂହଦେଓ, କାହ୍ନା ପୋଢ଼, ପଙ୍କଜ କୁମାର, ଲଲୁ ପାଲ, ଚିନୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ମକର ସଂକ୍ରାନ୍ତିକୁ କିଶୋର ସ୍ମୃତି ଦିବସ ଭାବେ ପାଳନ ପାଇଁ ସଂକଳ୍ପ ନିଆଯାଇଥିଲା । ଶେଷରେ କିଶୋରଙ୍କ ସ୍ମୃତିରେ ୨୫ଟି ଫଳ ଚାରା ରୋପଣ କରାଯାଇଥିଲା ।

# ବାଲୁକା କଳାରେ କିଶୋରଙ୍କୁ ଶ୍ରଦ୍ଧାଞ୍ଜଳି




ବ୍ରଜରାଜନଗର : ବ୍ରଜରାଜନଗର ଅଞ୍ଚଳର କିଛି ଯୁବ ଗୋଷ୍ଠୀ ପୁରୀ ବେଳାଭୂମିରେ ବାଲିରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଆକୃତି ତିଆରି କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବ୍ରଜରାଜନଗର ପୌର ପରିଷଦର ଯୁବ ସଭାପତି ସରୋଜ ସା ଓ ସମାଜସେବୀ ସନ୍ତୋଷ ଖେଡ଼କରଙ୍କ ନେତୃତ୍ୱରେ ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଶରତ ତନ୍ତୀ, ପ୍ରଦୀପ ବେହେରା, ବିଶାଳ ବେହେରା, ଶିଶିର କୁମ୍ଭାର, ଗୌତମ ସୁନା, ବିଶାଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବିହାରୀ ବିଶ୍ୱାଳ ବିଜେପିରେ ଯୋଗଦେଲେ




ଝାରସୁଗୁଡ଼ା : ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଭାଇ ବିହାରୀ ଚନ୍ଦ୍ର ବିଶ୍ୱାଳ ଓ ପୁତ୍ରବଧୂ ଜ୍ୟୋସ୍ନା ବିଶ୍ୱାଳ ଝାରସୁଗୁଡ଼ା ବିଜେପିରେ ଯୋଗ ଦେଇଛନ୍ତି । ଏ ଅବସରରେ ବିନୋଦ ସା, କମଳ ରାଉଡ଼ିଆ, ସୁଶୀଲ ପ୍ରଧାନ, ପିଣ୍ଟୁ ଚୌଧୁରୀ, ପ୍ରେମାନନ୍ଦ ଧୁରୁଆ ଏବଂ ଅନ୍ୟ ପ୍ରାୟ ୩୦ରୁ ଅଧିକ କର୍ମୀ ଯୋଗ ଦେଇଥିବା ନେଇ ବିଜେପି ପକ୍ଷରୁ କୁହାଯାଇଛି । ଜିଲ୍ଲା ସଭାପତି ମଙ୍ଗଳ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଜିଲ୍ଲା ପ୍ରଭାରୀ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, କିର୍ମିରା ମଣ୍ଡଳ ସଭାପତି ବିଜୟ ଶର୍ମା, ରସିକ ଆଢ଼େ, ନିର୍ମଳ ଅଗ୍ରୱାଲ, ସଞ୍ଜୟ ସିଂ, ପ୍ରେମସେନ ରାୟ, ବିମଳେନ୍ଦୁ ଭୋଳ, ମହେନ୍ଦ୍ର କେଡ଼ିଆ, ରଘୁରାମ ପାଲ୍, ବବଲୁ ସିଂ, ସୋନୁ ଥିରାଣୀ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର୍ ଦୂରଦର୍ଶନ କେନ୍ଦ୍ର ପାଇଁ ଆନ୍ଦୋଳନ

ସମ୍ବଲପୁର : ଓଡିଶାର ସର୍ବପୁରାତନ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ଅଚଳ କରିଦେବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ ହୋଇଛି । ସମ୍ବଲପୁର ଦୁରଦର୍ଶନ କେନ୍ଦ୍ରରେ ଏକମାତ୍ର କେମରା ମେନ୍‌କୁ ତୁରନ୍ତ ଟ୍ରାନ୍‌ସଫର୍ କରିବା ପାଇଁ ବିନା ରିଲିଭରରେ ରିଲିଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈମାତୃକ ମନୋଭାବର ପ୍ରତିବାଦ ଆଉ ସମ୍ବଲପୁର୍ ଦୂରଦର୍ଶନ କେନ୍ଦ୍ରକୁ ବଞ୍ଚାଇବା ପାଇଁ ସାକ୍ଷୀପଡା ସ୍ଥିତ ହନୁମାନ ମନ୍ଦିର ନିକଟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ କଟକଣା ଭିତରେ ଦୂରଦର୍ଶନ କେନ୍ଦ୍ରର ସୁରକ୍ଷା ପାଇଁ ଆଲୋଚନା ହେବା ସହ ସମ୍ବଲପୁର ଦୁରଦର୍ଶନର ସବୁ ପଦବୀ ପୁରଣ ପାଇଁ ଦାବି କରାଯାଇଛି । ସମ୍ବଲପୁର ଦୁରଦର୍ଶନ କେନ୍ଦ୍ର ଅଂଚଳର ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ନେଇଥିବା ବେଳେ ସରକାର ତାର ସୁରକ୍ଷା କରିବା ପାଇଁ ଦାବି କରାଯାଇଛି ।

# ହୀରାକୁଦ ବନ୍ଧର ବାସଚ୍ୟୁତ.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଅବିଭକ୍ତ ସମ୍ବଲପୁର ଜିଲାରେ ୧୬ ହଜାର ୯୩୪ ବିସ୍ଥାପିତ ପରିବାର ୧୦ ଡେସିମିଲ ଘରଡିହ ପାଇଁ ବିଭିନ୍ନ ତହସିଲରେ ୨୦ ବର୍ଷ ପୂର୍ବରୁ ଆବେଦନ କରିଥିଲେ । ଏହି ଜମି ପାଇଁ ସମ୍ବଲପୁର ସମେତ ଅନ୍ୟ ଜିଲ୍ଲା ମାନଙ୍କରେ ଦରଖାସ୍ତ ପଡ଼ିରହିଛି । ଆନ୍ଦୋଳନ କରୁଥିବା ବହୁ ଲୋକଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ସେମାନଙ୍କ ପରବର୍ତ୍ତୀ ପୀଢ଼ି ମଧ୍ୟ ବାର୍ଦ୍ଧକ୍ୟରେ ଉପନୀତ ହେଲେଣି । ଅନେକ ସ୍ଥଳେ ଜିଲା ଗୁଡ଼ିକର ତହସିଲ ମାନଙ୍କରେ ଅଧିକାରୀ ବିସ୍ଥାପିତ ପରିବାର ମାନଙ୍କୁ ବୁଡ଼ି ଅଞ୍ଚଳର ବୋଲି ପ୍ରମାଣ ଦେବାକୁ କହୁଛନ୍ତି । ଯଦି ତହସିଲ ଓ ରାଜସ୍ୱ କାର୍ଯ୍ୟାଳୟରେ ନଥ ପତ୍ର ନାହିଁ, ତେବେ ଗତ ୬୪ ବର୍ଷ ଧରି ହଇରାଣ ହରକତ ହେଉଥିବା ଲୋକେ କିଭଳି ଭାବରେ ଉକ୍ତ ପ୍ରମାଣପତ୍ର ଉପସ୍ଥାପନ କରିବେ ତାହା ହିଁ ପ୍ରଶ୍ନବାଚୀ । ଅନ୍ୟପକ୍ଷରେ ବୁଡ଼ି ଅଞ୍ଚଳବାସୀ ଥଇଥାନ ହୋଇଥିବା ୨୪ଟି ଅଣରାଜସ୍ୱ ଗ୍ରାମକୁ ସର୍ଭେ ସେଟେଲମେଣ୍ଟ କରିବା ଏବଂ ଝାଙ୍କର, ଚୌକିଦାର, ନରିହାମାନଙ୍କ କ୍ଷତିପୂରଣ ଦେବା ବକେୟା ରହିଛି ।

ସରକାରଙ୍କ ରାଜସ୍ୱ ବିଭାଗ ୨୦୦୨ ମସିହାରେ ପତ୍ର ସଂଖ୍ୟା ୫୫୩୩ ଜାରି କରି ସମସ୍ତ ଜିଲାପାଳମାନଙ୍କୁ ହୀରାକୁଦ ବିସ୍ଥାପିତଙ୍କୁ ୧୦ ଡେସିମିଲ ଲେଖାଏଁ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ଏଥିନୁଯାୟୀ ବୁଡ଼ି ଅଞ୍ଚଳର ବିସ୍ଥାପିତ ପରିବାର ଗୁଡ଼ିକ ବିଭିନ୍ନ ତହସିଲ କାର୍ଯ୍ୟାଳୟ ମାନଙ୍କରେ କାଗଜପତ୍ର ଜମା କରିଛନ୍ତି । କିନ୍ତୁ ଏବେ ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ପରେ ବି ସେମାନଙ୍କୁ ଚିହ୍ନଟ ବା ଜମି ଦେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନାହିଁ । ୧୯୫୪ ମସିହାରୁ ହୀରାକୁଦ ନଦୀବନ୍ଧ ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ୨୬୫୦୧ ପରିବାର ସମ୍ବଲପୁର ସମେତ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସୋନପୁର ଜିଲା ଏବଂ ପଡ଼ୋଶୀ ଛତିଶଗଡ଼ର ସୁରଗୁଜା ଓ ରାୟଗଡ଼ ଜିଲାରେ ରହୁଛନ୍ତି । ଏହି ପରିବାରର ତିନୋଟି ପିଢ଼ି ବିତିଯାଇ ଥିବାରୁ ସେମାନଙ୍କ ପରିବାର ସଂଖ୍ୟା ୧ ଲକ୍ଷ ଅତିକ୍ରମ କରିଥିବା କୁହାଯାଉଛି । ଅନେକ ପରିବାରଙ୍କ ପତ୍ତା ମିଳୁ ନ ଥିବା ବେଳେ ଏବେ ପ୍ରାୟ ୨୫ ହଜାର ପରିବାର ବିଭିନ୍ନ ଜିଲାର ତହସିଲ୍ ମାନଙ୍କରେ ସେମାନଙ୍କ ଆବେଦନ ପତ୍ର ଜମା କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ୨୦୨୧ ମସିହା ନଭେମ୍ବର ୧୫ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଜିଲ୍ଲାର ଚିହ୍ନଟ ୨ ହଜାର ଜମି ପଟ୍ଟା ପ୍ରଦାନର ଘୋଷଣା କରିଥିଲେ । ବଳକା ୧୪ ହଜାର ୯୩୪ ବିସ୍ଥାପିତ ପରିବାରଙ୍କୁ ଚିହ୍ନଟ ଓ ଘର ଡିହ କେବେ ଉଦ୍‌ବାସ୍ତୁ ପ୍ରଶ୍ନ କରିଛନ୍ତି । ଦୀର୍ଘ ୬୫ ବର୍ଷ ପରେ ପୁଣି ଆଶାର ଆଲୋକ ଦେଖା ଦେଇଛି । ତେବେ, ଏହି ସ୍ୱପ୍ନ ବାସ୍ତବ ରୂପ ନେବ ବୋଲି ବର୍ଷ ବର୍ଷ ଧରି ହୀରାକୁଦ ବୁଡ଼ି ଅଞ୍ଚଳବାସୀ ବୃଦ୍ଧବୃଦ୍ଧା ଅନେଇ ରହିଛନ୍ତି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# 'ଭୁବନେଶ୍ୱର ଭଞ୍ଜ ଭାରତୀ' ପକ୍ଷରୁ ଦ୍ୱିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ









ଭୁବନେଶ୍ୱର: ରୀତି ସାହିତ୍ୟ ସାମ୍ରାଜ୍ୟର ଅବିସମ୍ବାଦିତ ସମ୍ରାଟ୍ କବି ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ଓ ଦୃଷ୍ଟିରେ ପୂରି ରହିଛି ବିଭୁ ଚେତନାର ଚିନ୍ମୟ ଚିତ୍ର । ରାମତାରକ ମନ୍ତ୍ରସିଦ୍ଧ ଉପେନ୍ଦ୍ର ମହାପ୍ରଭୁ ରଘୁନାଥ ଓ ଶ୍ରୀଜଗନ୍ନାଥଙ୍କ ଏକାତ୍ମତାକୁ ବ୍ୟକ୍ତ କରି ସୃଷ୍ଟି କରିଛନ୍ତି ରାଶି ରାଶି କାବ୍ୟ ଯାହାକି ଚିରନ୍ତନ ପାଠକୀୟ-ଅନ୍ତରାତ୍ମାକୁ ନିର୍ମଳ ଆନନ୍ଦରେ ବିଭୋର କରିଥାଏ ବୋଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଓଡିଆ ସାହିତ୍ୟ ସମାରୋହର ଉଦ୍‌ଘାଟନ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ସଭାପତି ଶ୍ରୀ ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସୂଚନା ଆୟୁକ୍ତ ବାଳକୃଷ୍ଣ ମହାପାତ୍ର ବରେଣ୍ୟ ଅତିଥିଭାବରେ ଯୋଗଦେଇ ସାହିତ୍ୟ ଜଗତରେ କବି ଉପେନ୍ଦ୍ରଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସେ ରାଜାରୁ ପ୍ରଜା ସମସ୍ତଙ୍କ ପାଖରେ ଆଦୃତ ମହାକବି ବୋଲି କହିବା ସହିତ ତାଙ୍କ ସାହିତ୍ୟର ପ୍ରଚାର-ପ୍ରସାର କ୍ଷେତ୍ରରେ ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନର ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ । ବିଶିଷ୍ଟ ସାହିତ୍ୟ ଗବେଷକ ଡକ୍ଟର ସନ୍ତୋଷକୁମାର ପାଣିଗ୍ରାହୀ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟାବଳୀରେ ଥିବା ମାନବୀୟ ଆବେଗ ଓ ଶୃଙ୍ଖଳାର ବାର୍ତ୍ତାକୁ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କବିସମ୍ରାଟଙ୍କ ସୃଷ୍ଟ ସମୂହରେ ଥିବା ବିଭୁଚେତନାର ବିଶ୍ଳେଷଣ କରିଥିଲେ । ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ନନ୍ଦକିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ 'ନାଦବ୍ରହ୍ମ' ଅନୁଷ୍ଠାନପକ୍ଷରୁ ବିଶିଷ୍ଟ କଣ୍ଠ ଶିଳ୍ପୀ ମହାପାତ୍ର ମୀନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷିତ ହୋଇଥିଲା ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତାରେ ଛତ୍ରେ ଛତ୍ରେ ପୂରି ରହିଛି ଅଧ୍ୟାତ୍ମବୋଧର ଅମୃତମୟ ଦର୍ଶନ, ଯାହାକି ଓଡିଆ ସାହିତ୍ୟ ଓ ସାମାଜିକ ଜୀବନର ଅମୂଲ୍ୟ ସମ୍ପଦ ବୋଲି ସମାରୋହର ଦ୍ୱିତୀୟ ଦିବସରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ



ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଜଗତରେ କବି ଗଙ୍ଗାଧରଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସେ ଗଣକବି ଭାବରେ ସମଗ୍ର ଓଡିଶାରେ ଲୋକାଦୃତ ବୋଲି କହିବା ସହିତ ତାଙ୍କ କାବ୍ୟାଲୋଚନାର ପ୍ରଚାର-ପ୍ରସାର କ୍ଷେତ୍ରରେ ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନର ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ । ବିଶିଷ୍ଟ ମେହେର ସାହିତ୍ୟ ଗବେଷକ ଡକ୍ଟର ଲମ୍ବୋଦର ସାହୁ ଗଙ୍ଗାଧରଙ୍କ କାବ୍ୟ ଓ କ୍ଷୁଦ୍ରକବିତା ଉଭୟରେ ଥିବା ସଦାଚାର, ସହନଶୀଳତା ଓ ଶୃଙ୍ଖଳାର ବାର୍ତ୍ତାକୁ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଗଙ୍ଗାଧରଙ୍କ ସୃଷ୍ଟିସମୂହରେ ଥିବା ଆଧାତ୍ମିକ ଦର୍ଶନର ବିଶଦ ବିଶ୍ଳେଷଣ କରିଥିଲେ । ଅନୁଷ୍ଠାନର କୋଷାଧକ୍ଷା ବିଜୟା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶୈଳଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ଗୀତିକବି ଶରତ କୁମାର ଦାଶଙ୍କୁ ମର୍ଯ୍ୟାଦା ଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୨' ପ୍ରଦାନ କରା ଯାଇଥିଲା । ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁ ସୁକାନ୍ତ କୁଣ୍ଡୁ, ମହାପାତ୍ର ମୀନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ମେହେର ସଙ୍ଗୀତ ପରିବେଷିତ ହୋଇଥିଲା । ଅନୁଷ୍ଠାନର ସଦସ୍ୟ ସୁକାନ୍ତ ଗିରି, ସ୍ୱୟଂପ୍ରଜ୍ଞା ସାହୁ, ପ୍ରସନ୍ନ ବେହେରା, ଦିଲୀପ ଦାସ, ଅଶୋକ କୁମାର ମିଶ୍ର, ବିମଳ ଲୋଚନ ପଟ୍ଟନାୟକ, ଦୀପ୍ତିମୟୀ ଦାସ, ବେଣୁଧର ଦାସ, ପବିତ୍ରମୋହନ ସାହୁ, ନନ୍ଦକିଶୋର ଜେନା, ମିଳନକୁମାର ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

## କିଶୋରଙ୍କ ବିୟୋଗ ପଶ୍ଚିମ ଓଡ଼ିଶା ପାଇଁ ବଡ଼ କ୍ଷତି



ଝାରସୁଗୁଡ଼ା: ସ୍ୱର୍ଗତ କିଶୋର ମହାନ୍ତି ଏକାଧାରରେ ଜଣେ ଆଇନଜୀବୀ, ରାଜନୀତିଜ୍ଞ, ଲୋକପ୍ରିୟ ଜନପ୍ରତିନିଧି, ସମାଜସେବୀ, ଜିଲ୍ଲା ପ୍ରତିଷ୍ଠାର ବିନ୍ଧାଣୀ ଥିଲେ । କେବଳ ଜିଲ୍ଲା ନୁହେଁ ସମଗ୍ର ପଶ୍ଚିମ ଓଡିଶା ବିକାଶ ପାଇଁ ଚିନ୍ତା କରୁଥିଲେ । ତାଙ୍କର ଅକାଳ ବିୟୋଗ ପଶ୍ଚିମ ଓଡିଶା ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି । ସ୍ଥାନୀୟ ସତ୍‌ସଙ୍ଗ ଭବନରେ ତାପସରାୟ ଚୌଧୁରୀଙ୍କ ଅଧକ୍ଷତାରେ ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଦ୍ୱାଦଶାହ ଅବସରରେ ଆୟୋଜିତ ଏକ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମତ ପ୍ରକାଶ ପାଇଥିଲା । ପ୍ରଥମେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ନୀରବ ପ୍ରାର୍ଥନା କରା ଯାଇଥିଲା । ଏଥିରେ ହିନ୍ଦୁଧର୍ମ ଗୁରୁ ସହଦେବ ତ୍ରିପାଠୀ, ମୁସଲିମ୍ ଧର୍ମଗୁରୁ ମୌଲାନା ମୁକ୍ତାର ମହମ୍ମଦ, ଜୈନଧର୍ମ ଗୁରୁ ଅଶୋକ ଜୈନ, ଖ୍ରୀଷ୍ଟଧର୍ମ ଗୁରୁ ଫାଦର ଖ୍ରୀଷ୍ଟଫର୍, ଶିଖ ଧର୍ମ ଗୁରୁ ଜ୍ଞାନୀ ହରପ୍ରେମ୍ ସିଂହ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଜଙ୍ଗଲମନ୍ତ୍ରୀ ବିକ୍ରମ ଆରୁଖ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ସୁବାସ ସିଂହ, ସୁରେଶ ପୂଜାରୀ, ରାଉରକେଲା ବିଧାୟକ ସାରଦା ନାୟକ, ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ସାଂସଦ




ପ୍ରଭାସ ସିଂହ, ରମେଶ ପଟୁଆ, ନଳିନୀ ପ୍ରଧାନ, ରବି ପାଣି, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, କଂଗ୍ରେସ ନେତା ମହେନ୍ଦ୍ର ନାୟକ, ପ୍ରଭାତ ଆଦିତ୍ୟ ମିଶ୍ର, ସଞ୍ଜୟ ବାବୁ, ତ୍ରିନାଥ ଗୁଆଲ ପ୍ରମୁଖ ସ୍ତୁତିଚାରଣ କରିଥିଲେ । ସେହିପରି ବେଲପାହାଡ ଟାଉନ୍ ବିଜେଡି ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଲଖନପୁର ବ୍ଲକ୍ ବିଜେଡି ତରଫରୁ ୧ନଂ ଜୋନ୍‌ର ଭିକମପାଲି ପଡିଆ, ୨ନଂ ଜୋନରେ ସିହାରପୁର ଶୈବପୀଠ ଓ ୩ନଂ ଜୋନରେ ତେଲେନପାଲି ମାର୍କେଟ୍ ଆଦି ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମଙ୍ଗଳ ବଜାର ସ୍ଥିତ ଅଡିଟୋରିୟମ୍ ହଲରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୨୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହାକୁ ଏମ୍‌ପି ସୁବାସ ସିଂହ ଉଦ୍‌ଘାଟନ କରିଥିଲେ ।

## ଜୁନିୟର ଫେଲୋସିପ ପାଇଁ ସୁପ୍ରୀତି ମନୋନୀତ

ସମ୍ବଲପୁର : ଜଣାଶୁଣା ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗର ଅଧାପିକା ସୁପ୍ରୀତି ମିଶ୍ର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ୨୦୧୯-୨୦୨୦ ବର୍ଷ ପାଇଁ ସମ୍ବଲପୁରୀ ଲୋକନୃତ୍ୟ ବିଭାଗରେ ଜୁନିଅର ଫେଲୋସିପ ପାଇଁ ମନୋନୀତ ହୋଇଛନ୍ତି । ଚଳିତ ବର୍ଷ ସମ୍ବଲପୁର ସହରରୁ ସେ ଏକମାତ୍ର ପ୍ରାର୍ଥୀ ଯିଏକି ଏ ଫେଲୋସିପ୍ ପାଇଁ ମନୋନୀତ ହୋଇଛନ୍ତି ।



ଶ୍ରୀମତୀ ମିଶ୍ର ନୃତ୍ୟ ନିର୍ଦ୍ଦେଶକ ଭାରତ ଗୌରବ ଦାଶଙ୍କ ଧର୍ମପତ୍ନୀ ଅଟନ୍ତି । ୧୯୯୭ ମସିହାରୁ ସମ୍ବଲପୁରୀ ଲୋକନୃତ୍ୟକୁ ଆପଣେଇଥିବା ଶ୍ରୀମତୀ ମିଶ୍ର ରାଜ୍ୟ ତଥା ରାଜ୍ୟ ବାହାରେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ବେଶ ପ୍ରଶଂସିତ ହୋଇଛନ୍ତି । ଗୁରୁ ଶଶାଙ୍କ ଶେଖର ଦୁବେ, ଗୁରୁ ରଞ୍ଜନ କୁମାର ସାହୁ ଏବଂ ଗୁରୁ ଦୁର୍ଗା ପ୍ରସାଦ ଦାଶଙ୍କ ଠାରୁ ସମ୍ବଲପୁରୀ ଲୋକନୃତ୍ୟ ଶିକ୍ଷା ଲାଭ କରିଛନ୍ତି । ଏହା ସହିତ ତାଙ୍କ ରଚିତ ଗବେଷଣାତ୍ମକ ପୁସ୍ତକ 'ଡାଲଖାଇ' 'ଏ ଭୋଏଜ ଅଫ୍ ଡ୍ୟାନ୍ସ' ପ୍ରକାଶିତ ହୋଇ ସାରିଛି ।

## ପ୍ରସନ୍ନ ମହାନ୍ତି ଓ ଅଶୋକ ନନ୍ଦ ଓଡ଼ିଶା ସାମ୍ବାଦିକ ୟୁନିଅନର ସଭାପତି ଓ ସମ୍ପାଦକ ରୂପେ ପୁନଃ ନିର୍ବାଚିତ

ଭୁବନେଶ୍ୱର: ଓଡ଼ିଶା ସାମ୍ବାଦିକ ୟୁନିଅନର ୨୦୨୧-୨୩ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଓ ଅଶୋକ କୁମାର ନନ୍ଦ ଯଥାକ୍ରମେ ସଭାପତି ଓ ସାଧାରଣ ସମ୍ପାଦକ ରୂପେ ପୁନଃ ନିର୍ବାଚିତ ହୋଇଛନ୍ତି ।



ଏହାଛଡ଼ା ରାଜେଶ ପଟ୍ଟନାୟକ ଓ କିଶାନ କୁମାର ରାଉତ ଉପସଭାପତି, ସମରଜିତ ମହାନ୍ତି ଓ ପ୍ରସନ୍ନ କୁମାର ପାଇକରାୟ ସମ୍ପାଦକ, ଅମୂଲ୍ୟ ରଞ୍ଜନ ସ୍ୱାଇଁ କୋଷାଧ୍ୟକ୍ଷ, ଅଶୋକ କୁମାର ଦାସ, ବିଜୟ କୁମାର ସାହୁ, ବାରିକ ପଟ୍ଟନାୟକ ଓ ଦୀପକ ଶତପଥୀ ସଂଗଠନ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ଏହା ସହ କାର୍ଯ୍ୟକାରୀ କମିଟିକୁ ବିଭିନ୍ନ ଜିଲ୍ଲାରୁ ୩୦ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି । ଶିଶିର କୁମାର ଦାସ ଓ ପ୍ରମୋଦ ସାମନ୍ତରାୟ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra